ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.150 Bhubaneswar Saturday July 30 2022 | ୨୫ତମ ବର୍ଷ ସଂଖ୍ୟା-୧୫୦ ଭୁବନେଶ୍ୱର, ଶନିବାର, ଜୁଲାଇ ୩୦, ୨୦୨୨ (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) | Member-INS

ପଜିଟିଭ୍ ରିପୋର୍ଟ ହେଲା ନେଗେଟିଭ୍, କ୍ୟାନ୍ସର କହି ଅଙ୍ଗ କାଟିଦେଲେ



ଭୁବନେଶ୍ୱର,୨୯।୭(ପି.ଏନ): ଭୁଲ କ୍ୟାନ୍ସର ରିପୋର୍ଟ ପାଇଁ ଅଙ୍ଗ ହରାଇଲେ ରୋଗୀ। ଖାଲି ଅଙ୍ଗ ହରାଇଲେନି ଏବେ ଅବସ୍ଥା ଗୁରୁତର। ଏସସିବି ମେଡିକାଲ କଲେଜ ପାଥୋଲୋଜି ବିଭାଗ ବିରୋଧରେ ଏପରି ଏକ ସାଂଘାତିକ ଅଭିଯୋଗ ଆସିଛି। ଏନେଇ ମେଡିକାଲ ଅଧିକ୍ଷକଙ୍କ ପାଖରେ ରୋଗୀଙ୍କ ସମ୍ପର୍କୀୟ ଲିଖିତ ଅଭିଯୋଗ କରିଛନ୍ତି।ଢେଙ୍କାନାଳ ଅଞ୍ଚଳର ଜଣେ ମହିଳାଙ୍କ ଛାତିରେ ମାଂସ ବଢିବା ପରେ ଏସସିବି ମେଡିକାଲରେ ଭର୍ତ୍ତି ହୋଇଥିଲେ। ତାଙ୍କର ସର୍ଜରୀ ବିଭାଗରେ ଅପରେସନ ପରେ ମାଂସ ପରୀକ୍ଷା ପାଇଁ ପାଥୋଲୋଜିକୁ ପଠା ଯାଇଥିଲା। ରିପୋର୍ଟରେ କ୍ୟାନ୍ସର ଥିବା ଜଣାପଡ଼ିଥିଲା। ଏହା ପରେ ଆଚାର୍ଯ୍ୟ ହରିହର କ୍ୟାନ୍ସର ହସ୍ପିଟାଲରେ ଆଉଥରେ ଅପରେସନ କରାଯାଇ ଗୋଟିଏ ଅଙ୍ଗ କଟାଯିବା ସହ କେମୋ ମଧ୍ୟ ଦିଆଯାଇଥିଲା। ତେବେ ସନ୍ଦେହ ହେବାରୁ ଉକ୍ତ ନମୁନାକୁ ଆଉ ଥରେ ପରୀକ୍ଷା ପାଇଁ ଡାକ୍ତର କହିଥିଲେ। ରିପୋର୍ଟ ଆଣିବା ପରେ ପରବର୍ତ୍ତି ଚିକିତ୍ସା କରାଯିବ ବୋଲି କହିଥିଲେ। ଯାହା ପରେ ରୋଗୀଙ୍କ ସମ୍ପର୍କୀୟ ଯାଇ ଏସସିବି ମେଡିକାଲ କଲେଜ ପାଥୋଲୋଜି ବିଭାଗରୁ ପୂର୍ବ ସଂଗୃହିତ ନମୁନା ମାଗିଥିଲେ। ଏହାକୁ ନେଇ ବାହାରେ ପରୀକ୍ଷା କରିଥିଲେ।ଏହି ରିପୋର୍ଟ ନେଗେଟିଭ ଆସିଥିଲା। ତେବେ ସେତେବେଳକୁ ମହିଳାଙ୍କ ଅଙ୍ଗ କଟାଯାଇସାରିଥିଲା। ଡାକ୍ତରଙ୍କୁ ଏହା ଜଣାଇବା ପରେ ଏସସିବି ଯାଇ ପୁନଃ ପରୀକ୍ଷା ରିପୋର୍ଟ ଆଣିବାକୁ କହିଥିଲେ। ଏଠାକୁ ଯାଇ ପୁନଃ ପରୀକ୍ଷା ଯାଞ୍ଚ ରିପୋର୍ଟ ମାଗିବାରୁ ଏହା କ୍ୟାନ୍ସର ନେଗେଟିଭ୍ ଆସିଥିଲା। ଯାହା ପାଇବା ପରେ ରୋଗୀ ଓ ରୋଗୀଙ୍କ ସମ୍ପର୍କିୟଙ୍କ ହୋଇ ଉଡିଯାଇଛି। ପାଥୋଲୋଜି ବିଭାଗ କର୍ମଚାରୀଙ୍କ ତ୍ରୁଟି ଯୋଗୁଁ ପ୍ରଥମେ ତାଙ୍କ ରିପୋର୍ଟ ପଜିଟିଭ ହୋଇଯାଇଥିଲା ବୋଲି ରୋଗୀଙ୍କ ସମ୍ପର୍କିୟ ସନ୍ଦିପ ତ୍ରିପାଠୀ ଅଭିଯୋଗ କରିଛନ୍ତି।ରୀ ତ୍ରିପାଠୀ କହିଛନ୍ତି, ଦୁଇ ପ୍ରକାର ରିପୋର୍ଟ ଦେଖିବା ପରେ ଡାକ୍ତର ରୋଗୀଙ୍କ ପରବର୍ତ୍ତି ଚିକିତ୍ସା କରିବାକୁ ମନା କରିଦେଇଛନ୍ତି। ଠିକ୍ ରିପୋର୍ଟ ନେଇ ଆସିବାକୁ କହୁଛନ୍ତି। ଏମିତିରେ ରୋଗୀ ଏବେ କ'ଣ କରିବ ସରକାରୀ ଡାକ୍ତରଖାନାରେ ଜାଣିଶୁଣି ଡାକ୍ତର ଓ କର୍ମଚାରୀମାନେ ରୋଗୀଙ୍କ ଜୀବନ ସହ ଖେଳ ଖେଳୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।ଏହି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ମେଡିକାଲ କର୍ତ୍ତୃପକ୍ଷଙ୍କ ନଜରକୁ ଆସିବା ପରେ ଖୋଳତାଡ ଆରମ୍ଭ ହୋଇଛି। ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଏସସିବି ମେଡିକାଲ ଅଧିକ୍ଷକ।ତେବେ ପାଥୋଲୋଜି ବିଭାଗୀୟ ମୁଖ୍ୟ ଡ. ଲିଟି ମହାନ୍ତି କିନ୍ତୁ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ରୋଗୀଙ୍କ ଠାରୁ ସଂଗୃହିତ ଟ୍ୟୁମର ଟିସୁକୁ ତିନୋଟି ଭାଗ କରି ପରୀକ୍ଷା କରାଯାଇଥିଲା। ଏହା ଭିତରେ ପ୍ରଥମ ଭାଗ ବାୟପସି ସ୍ଲାଇଡ୍ ରିପୋର୍ଟ କ୍ୟାନ୍ସର ପଜିଟିଭ ରହିଛି। ଏହା ପରେ ରୋଗୀ ଚିକିତ୍ସା କରାଇଛନ୍ତି। ଅନ୍ୟ ଦୁଇଟି ଭାଗ ରୋଗୀର ସମ୍ପର୍କିୟ ପୁନଃ ପରୀକ୍ଷା ନିମନ୍ତେ ନେଇଥିଲେ। ମାତ୍ର ଏହି ଦୁଇ ଭାଗ ହିଁ ନେଗେଟିଭ୍ ଆସିଛି। ଆମେ ମଧ୍ୟ ସଂଗୃହିତ ଗୋଟିଏ ଭାଗ ବାୟପସି ସ୍ଲାଇଡ୍‌ର ଏକ ସ୍ୱତନ୍ତ୍ର ପରୀକ୍ଷା କରିଥିଲୁ। ଏହି ପରୀକ୍ଷାରେ କ୍ୟାନ୍ସର ପଜେଟିଭ ଆସିଥିଲା। ମାତ୍ର ଦ୍ୱିତୀୟ ପରୀକ୍ଷାରେ ଏହି ସ୍ଲାଇଡ୍ ?ର ଫୋକାଲ ଏରିଆରେ ନନ୍‌କ୍ୟାନ୍ସର ଥିଲା। କିନ୍ତୁ ବୃତ୍ତାନ୍ତ ରିପୋର୍ଟ କହୁଛି କ୍ୟାନ୍ସର। ତେଣୁ ରୋଗୀ ଠିକ୍ ଚିକିତ୍ସା ନେଇଛନ୍ତି। ଏହା କେବଳ କମ୍ୟୁନିକେସନ ଗ୍ୟାପ। ରୋଗୀଙ୍କ ସମ୍ପର୍କିୟ ଏ ବାବଦରେ ଆସି ପଚାରିଥିଲେ ଭତ୍ତର ପାଇପାରିଥାନ୍ତେ ବୋଲି କହିଛନ୍ତି ସେ।ତେଣୁ ବିଭାଗୀୟ ଅଧିକାରୀ ଏଭଳି କଥାକୁ ଗୁଡାଇ ତୁଡାଇ କହିବା ସନ୍ଦେହକୁ ବ ?ାଇଛି। ପ୍ରକୃତରେ ସମ୍ପୃକ୍ତ ମହିଳାଙ୍କର ଏବେ କ୍ୟାନ୍ସର ପଜିଟିଭ ରହିଛି ନାଁ ନେଗେଟିଭ ତାହା ସାମ୍ନାକୁ ଆସିବା ନିହାତି ଆବଶ୍ୟକ ହୋଇ ପଡ଼ିଛି। ଯାହା ଏଠାରେ ରୋଗୀଙ୍କ ଜୀବନ ସହ ଖେଳ ଖେଳାଯାଉଥିବା ଅଭିଯୋଗର ସତ୍ୟାସତ୍ୟ ପଦାକୁ ଆଣିବ।

ବିଧାନସଭାରେ ମୋହନ ମାଝୀ ଓ ନିରଂଜନ ପୁଜାରୀଙ୍କ ମଧ୍ୟରେ କଥା କଟାକଟି

ଭୁବନେଶ୍ୱର, ୨୯।୭(ପି.ଏନ): ବିଧାନସଭାରେ ଶୁକ୍ରବାର ଦିନ ଶୁନ୍ୟକାଳରେ ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ଓ ରାଜ୍ୟର ଅର୍ଥ ମନ୍ତ୍ରୀ ନିରଂଜନ ପୁଜାରୀ ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଛି। ଡକ୍ୟୁମେଂଟ ଦେଖି ପଢିବା ଅଭିଯୋଗରେ ଉଭୟଙ୍କ ମଧ୍ୟରେ ପ୍ରବଳ କଥା କଟି କଟି ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ପଡିବାରୁ ମୋହନ ମାଝୀଙ୍କୁ ବିଧାନସଭା ବାଚସ୍ପତି ବିକ୍ରମ କେଶରୀ ଆରୁଖ ଶାନ୍ତ ହୋଇ ନିଜର କଥା କୁହନ୍ତୁ ବୋଲି କହିଥିଲେ। ଶୂନ୍ୟକାଳରେ ପୋଲିସ ବିଭାଗ ସହ ସମ୍ପର୍କିତ ଏକ ପ୍ରସଙ୍ଗ ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ମାଝୀ ଉଠାଉଥିବା ବେଳେ ଅର୍ଥ ମନ୍ତ୍ରୀ ନିରଂଜନ ପୁଜାରୀ ଏହାକୁ ନେଇ ଆପତି ବ୍ୟକ୍ତ କରିଥିଲେ। ସେ କହିଥିଲେ ଯେ ବାଚସ୍ପତିଙ୍କ ବିନା ଅନୁମତିରେ କେହି ଗୃହରେ କୌଣସି ଡକ୍ୟୁମେଂଟକୁ ପଢି ପାରିବେ ନାହିଁ ସେ କିଛି ଦିନ ହେଲା ଦେଖୁଛନ୍ତି ଯେ ବିରୋଧୀ ଦଳର ମୁଖ୍ୟ ସଚେତକ ସିଧା ସିଧା ଗୃହରେ ଡକ୍ୟୁମେଂଟ ପଢୁଛନ୍ତି। ଏହା ପରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ କହିଥିଲେ ଯେ ସେ ବିଧାୟକଙ୍କୁ ଡକ୍ୟୁମେଂଟ ପଢିବାକୁ ଅନୁମତି ଦେଇ ନାହାନ୍ତି। ତେବେ ଅର୍ଥ ମନ୍ତ୍ରୀଙ୍କ ଏ ସମ୍ପର୍କିତ ଆପତି ଉପରେ ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ମାଝୀ ଉତକ୍ଷିପ୍ତ ହୋଇ ପଡିଥିଲେ। ଅର୍ଥ ମନ୍ତ୍ରୀ କେବେ ବିଧାନସଭାରେ ନ ପଢିକି କହିଛନ୍ତି କି ବୋଲି ସେ ପାଲଟା ପ୍ରଶ୍ନ କରିଥିଲେ। ମୋହନ କହିଥିଲେ ଯେ ସେ ଡକ୍ୟୁମେଂଟରୁ ଦେଖି ପଢୁ ନାହାନ୍ତି। ପଏଂଟକୁ ଦେଖୁଛନ୍ତି। ବିନା ପଏଂଟ ଦେଖାରେ କିଭଳି ପ୍ରଶ୍ନ କରି ହେବ ବୋଲି ସେ କହିଥିଲେ। ବାଚସ୍ପତି ବିକ୍ରମ କେଶରୀ ଆରୁଖ ମୋହନ ମାଝୀଙ୍କୁ କହିଥିଲେ ଯେ ସେ ଶାନ୍ତ ହୋଇ ନିଜର ବକ୍ତବ୍ୟ ରଖନ୍ତୁ।

ପ୍ରିୟଙ୍କା ଜୈନ ବାଣିଜ୍ୟରେ ଜିଲ୍ଲା ଟପ୍‌ର

ଚଣ୍ଡିଖୋଲ,୨୯।୭(ପି.ଏନ) ଚଳିତ ଯୁକ୍ତ ୨ ବାଣିଜ୍ୟ ପରୀକ୍ଷାରେ ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ହାଇରସେକେଣ୍ଡାରୀ ସ୍କୁଲ,ଚଣ୍ଡିଖୋଲର ବାଣିଜ୍ୟ ବିଭାଗ ଛାତ୍ରୀ ପ୍ରିୟଙ୍କା ଜୈନ ସର୍ବାଧିକ ନମ୍ବର ରଖି ଜିଲ୍ଲା ଟପ୍‌ର ହୋଇଛନ୍ତି। ପ୍ରିୟଙ୍କା ମୋଟ ୬୦୦ ନମ୍ବରରୁ ୫୬୦ ତଥା ୯୩.୩୪ ପ୍ରତିଶତ ନମ୍ବର ହାସଲ କରିଛନ୍ତି। ଏହି ସଫଳତା ପାଇଁ ପ୍ରିୟଙ୍କାଙ୍କୁ କଲେଜ ପରିଚାଳନା କମିଟି ସଭାପତି ବିନାୟକ ପଣ୍ଡା, ଅଧ୍ୟକ୍ଷ ଡକ୍ଟର ମନୋଜ କୁମାର ଦାସ, ବିଭାଗୀୟ ମୁଖ୍ୟ ତପନ କୁମାର ଜେନା, ଅଧ୍ୟାପକ ସଲିଳ ମହାନ୍ତି, ଅଧ୍ୟାପକ ବିଜୟ କେତନ ସାମଲ ଓ ଡ. ପ୍ରମୋଦ କୁମାର ଦାସ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶ ଯେ, ଚଳିତ ବର୍ଷ ଏହି କଲେଜର ୬୫ ଛାତ୍ରଛାତ୍ରୀ ବାଣିଜ୍ୟରେ ପରୀକ୍ଷା ଦେଇଥିଲେ। ସମସ୍ତ ପରୀକ୍ଷାର୍ଥୀ ସଫଳତା ହାସଲ କରିଥିବାବେଳେ ପ୍ରଥମ ଶ୍ରେଣୀରେ ୨୭, ଦ୍ୱିତୀୟ ଶ୍ରେଣୀରେ ୧୪ ଓ ତୃତୀୟ ଶ୍ରେଣୀରେ ୨୪ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବିଜ୍ଞାନ ଶ୍ରେଣୀରେ ୧୨୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୧୦୯, ଦ୍ୱିତୀୟ ଶ୍ରେଣୀରେ ୯ ଓ ତୃତୀୟ ଶ୍ରେଣୀରେ ୩ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି।

ରତ୍ନ ଭଣ୍ଡାରର ସୁରକ୍ଷାକୁ ନେଇ ଗୃହରେ ଉଦବେଗ

ଭୁବନେଶ୍ୱର, ୨୯।୭(ପି.ଏନ): ପୁରୀ ଶ୍ରୀମନ୍ଦିର ରତ୍ନ ଭଣ୍ଡାରକୁ ନେଇ ଶୁକ୍ରବାର ଦିନ ବିଧାନସଭାରେ ଉଦବେଗ ପ୍ରକାଶ ପାଇଛି। କଂଗ୍ରେସ ବିଧାୟକ ସନ୍ତୋଷ ସିଂହ ସାଲୁଜା ଶୁକ୍ରବାର ଦିନ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କୁ କାଠଗଡାରେ ଠିଆ କରାଇଛନ୍ତି।ଶୂନ୍ୟକାଳରେ ଶ୍ରୀ ସାଲୁଜା ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ରତ୍ନଭଣ୍ଡାରର ସୁରକ୍ଷାକୁ ନେଇ ସମସ୍ତେ ଚିନ୍ତିତ ଅଛନ୍ତି।

ମୌସୁମୀ ଦୁର୍ବଳ , ବଢୁଛି ଦିନ ତାପମାତ୍ରା

ଭୁବନେଶ୍ୱର, ୨୯।୭(ପି.ଏନ): ମୌସୁମୀ ନିମ୍ନ ଚାପରେଖାର ଉତରାୟଣ ଗତି ସହ ରାଜ୍ୟରେ ମୌସୁମୀ ଦୁର୍ବଳ ସ୍ଥିତିରେ ରହିଛି। ଏହାର ପ୍ରଭାବରେ ରାଜ୍ୟରେ ବର୍ଷାର ପ୍ରଭାବ କମିଥିବା ବେଳେ ଦିନ ତାପମାତ୍ରା ବୃଦ୍ଧି ପାଇଛି। ଅଧିକାଂଶ ସ୍ଥାନରେ ଗତ ୨୪ ଘଣ୍ଟାରେ ସ୍ୱାଭାବିକ ଠାରୁ ୨ ରୁ ୩ ଡ଼ିଗ୍ରୀ ଯାଏଁ ଅଧିକ ତାପମାତ୍ରା ରେକର୍ଡ କରାଯାଇଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଆଗାମୀ ୨୪ ଘଂଟା ମଧ୍ୟରେ ରାଜ୍ୟର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଜପତି, ନୟାଗଡ଼, ବୌଦ୍ଧ, ଅନୁଗୁଳ, କେନ୍ଦୁଝର ଓ ମୟୂରଭଞ୍ଜ ପ୍ରଭୃତି ୧୨ଟି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହି ୧୨ଟିଜିଲ୍ଲାକୁ ଯେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।ସେହିପରି ୩୦ରୁ ୩୧ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ମୟୁରଭଞ୍ଜ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ ବର୍ଷା ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକୁ ମଧ୍ୟ ଯେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ଦିଲ୍ଲୀ ପୁଲିସର ନୋଟିସ୍

ଭୁବନେଶ୍ୱର,୨୯।୭(ପି.ଏନ): ଅଭିନେତା ତଥା ସାଂସଦ ପତିଙ୍କ ସହ ବିବାଦକୁ ନେଇ ଚର୍ଚ୍ଚାରେ ଥିବା ଓଡିଆ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ଦିଲ୍ଲୀ ପୁଲିସ ନୋଟିସ୍ କରିଛି। ଅନୁଭବଙ୍କ ବ୍ୟକ୍ତିଗତ କର୍ମଚାରୀଙ୍କ ପ୍ରତି ଜାତିଆଣ ଆକ୍ଷେପ କରିବା ଅଭିଯୋଗରେ ବର୍ଷା, ତାଙ୍କ ମା' ଓ ଝିଆରୀଙ୍କୁ ଏହି ନୋଟିସ୍ ଜାରି ହୋଇଥିବା ଜଣାପଡିଛି। ଏପରିକି ଦିଲ୍ଲୀ ପୁଲିସର ଏକ ଟିମ୍ ଓଡିଶା ଆସିଥିଲେ ମଧ୍ୟ କଟକ ପୁଲିସର ଅସହଯୋଗରୁ ସେମାନେ ଫେରିଯାଇଥିବା ଅସମର୍ଥିତ ସୂତ୍ରରୁ ସୂଚନା ମିଳିଛି।ମିଳିଥିବା ସୂଚନା ଅନୁସାରେ, ଅନୁଭବଙ୍କ ଦିଲ୍ଲୀସ୍ଥିତ କ୍ୱାର୍ଟର୍ସରେ ତାଙ୍କର ଜଣେ ବ୍ୟକ୍ତିଗତ କର୍ମଚାରୀଙ୍କୁ ଜାତିଆଣ ଆକ୍ଷେପ କରିବା ଅଭିଯୋଗରେ ଦିଲ୍ଲୀ ପୁଲିସ ଚଳିତ ଜୁଲାଇ ମାସ ୨୨ତାରିଖରେ ଏସ-ଏସଟି ଆଣ୍ଡରେ ମାମଲା ରୁଜୁ କରିଛି। ତେବେ ଅନୁଭବଙ୍କ ବ୍ୟକ୍ତିଗତ ସହାୟକଙ୍କ ସହ ଏହି ଘଟଣା ୨୦୧୯ ଜୁଲାଇ ୯ ତାରିଖରେ ଘଟିଥିଲା। ବର୍ଷା, ତାଙ୍କ ମା' ଓ ଝିଆରୀ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବାର ଦୀର୍ଘ ୩ବର୍ଷ ପରେ ଦିଲ୍ଲୀ ପୁଲିସ ନିକଟରେ କାହିଁକି ମାମଲା ରୁଜୁ ହେଲା ତା'ର କାରଣ ମଧ୍ୟ ଅସ୍ପଷ୍ଟ। ତେବେ ଯଦି ଏହି ଅଭିଯୋଗ ପ୍ରମାଣିତ ହୁଏ, ତା'ହେଲେ ବର୍ଷାଙ୍କ ପାଇଁ ଆଇନଗତ ଅଡୁଆ ବ ?ାର ଆଶଙ୍କା ରହିଛି।ଅଭିନେତ୍ରୀ ବର୍ଷାଙ୍କ ନାମରେ ଦିଲ୍ଲୀରେ ମାମଲା ରୁଜୁ ହେବା ପରେ ଦିଲ୍ଲୀ ପୁଲିସର ଏକ ଟିମ୍ ଗତ ଜୁଲାଇ ୨୫ତାରିଖରେ କଟକ ଆସି ବର୍ଷାଙ୍କୁ ଜେରା ପାଇଁ ପ୍ରୟାସ କରିଥିଲା। କିନ୍ତୁ ପୁରୀ ଘାଟ ଥାନାରୁ ସହଯୋଗ ନମିଳିବାରୁ ଦିଲ୍ଲୀ ପୁଲିସ ବାଧ୍ୟ ହୋଇ ଫେରି ଯାଇଛି। ଦିଲ୍ଲୀ ପୁଲିସ ଫେରିଯିବା ପରେ ଅଭିନେତ୍ରୀ ବର୍ଷା ପ୍ରୟଦଶିନୀ ନିଜ ବଡଭଉଣୀଙ୍କ ସହ ପୁରୀଘାଟ ଥାନାକୁ ଆସି ଦିଲ୍ଲୀ ପୁଲିସର ନୋଟିସକୁ ଗ୍ରହଣ କରିଥିବା ଜଣାପଡିଛି।ଅନ୍ୟପକ୍ଷରେ ସାଂସଦ ଅନୁଭବ ମହାନ୍ତି ଆଜି ଟ୍ୱିଟର ମାଧ୍ୟମରେ ଗଣମାଧ୍ୟମକୁ କଡା ସମାଲୋଚନା କରିଛନ୍ତି। ମିଡିଆ ଟ୍ରାଏଲ ବନ୍ଦ ହେବା ଦରକାର। ନ୍ୟୁଜରୁମ୍ କୋର୍ଟରୁମ୍ ନୁହେଁ। ମିଡିଆ ଟ୍ରାଏଲ ବିରୁଦ୍ଧରେ କଡା ଆଇନଗତ କାର୍ଯ୍ୟାନୁଷ୍ଠାନ ହେବା ସହ ଏହାକୁ ସମ୍ପୂର୍ଣ୍ଣ ବ୍ୟାନ୍ କରାଯିବା ଉଚିତ ବୋଲି ସେ ଟ୍ୱିଟ୍ ମାଧ୍ୟମରେ ନିଜର କ୍ଷୋଭ ବ୍ୟକ୍ତ କରିଛନ୍ତି। ବାବୁସାନ୍ ଓ ତାଙ୍କ ପତ୍ନୀଙ୍କ ବିବାଦରେ ଓଡିଶା ମିଡିଆରେ ଚାଲିଥିବା ଖବରକୁ ନାପସନ୍ଦ କରି ସାଂସଦ ଶ୍ରୀ ମହାନ୍ତି ଏହା କହିଛନ୍ତି।

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂତନ କୀର୍ତ୍ତିମାନ : ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କିମ୍‌ସ ସୁପରସ୍ପେଶିଆଲିଟି ଓ କ୍ୟାନ୍‌ସର ସେଣ୍ଟର ଉଦ୍‌ଘାଟିତ

ଭୁବନେଶ୍ୱର,୨୯।୭(ପି.ଏନ): ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂତନ କୀର୍ତ୍ତିମାନ ସ୍ଥାପନ ହୋଇଛି। କିମ୍‌ସ ସୁପର ସ୍ପେଶିଆଲିଟି ଓ କିମ୍‌ସ କ୍ୟାନ୍‌ସର ସେଣ୍ଟରକୁ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ, କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରମୁଖଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ କିମ୍‌ସ ସୁପର ସ୍ପେଶିଆଲିଟି ହସ୍ପିଟାଲ ଓ କ୍ୟାନସର ସେଣ୍ଟର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଓ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଦାସ ବ୍ୟାଟେରୀ କାରରେ କିମ୍‌ସ କ୍ୟାମ୍ପସ ବୁଲି ଦେଖିବା ସହ ଉନ୍ନତ ସ୍ୱାସ୍ଥ୍ୟ ଭିତ୍ତିଭୂମି ଦେଖି ଆନନ୍ଦ ପ୍ରକାଶ କରିଥିଲେ। କିମ୍‌ସ ପ୍ରଦ୍ୟୁମ୍ନ ବଳ ମେମୋରିଆଲ୍ ହସ୍‌ପିଟାଲ୍ (ପିବିଏମ୍‌ଏଚ) ଏବେ ୧୬୦୦ ଶଯ୍ୟା ବିଶିଷ୍ଟ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ହସ୍ପିଟାଲରେ ପରିଣତ ହୋଇଛି। ବିଶେଷ କରି ଆର୍ଥିକ ଅନଗ୍ରସର ଓ ସାଧାରଣ ବର୍ଗର ରୋଗୀ ଏହି ହସ୍‌ପିଟାଲ୍‌ରେ ସୁଲଭ ଦରରେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇ ପାରିବେ। ଦେଶର ଖ୍ୟାତି ସମ୍ପନ୍ନ ଡାକ୍ତର ଓ ବିଶେଷଜ୍ଞ କିମ୍‌ସ ସୁପରସ୍ପେଶିଆଲିଟି ହସ୍‌ପିଟାଲ୍ ଓ କ୍ୟାନ୍‌ସର ସେଣ୍ଟରରେ ଯୋଗଦେଇଥିବାରୁ ଓଡ଼ିଶା ଓ ପଡ଼ୋଶୀ ରାଜ୍ୟର ରୋଗୀମାନେ ଉତ୍ତମ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ପାଇପାରିବେ।ସମଗ୍ର ଭାରତବର୍ଷରେ ଏତେ ସଂଖ୍ୟକ ସାଧାରଣ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ଥାଇ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ହସ୍ପିଟାଲ୍ ଖୋଲିବା ଓଡିଶା ପାଇଁ ଗର୍ବ ଓ ଗୌରବର ବିଷୟ। କିମ୍‌ସର ଏହି ୩୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶିଆଲିଟି ହସ୍‌ପିଟାଲ୍‌ରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ରହିଛି। ଏହି ସୁପରସ୍ପେଶିଆଲିଟି ହସ୍‌ପିଟାଲରେ ହୃଦ୍‌ରୋଗ ଚିକିତ୍ସା, କାର୍ଡିଓଥୋରାସିକ୍ ଆଣ୍ଡ ଭାସ୍କୁଲାର ସର୍ଜରୀ (ସିଟିଭିଏସ୍) ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଏବଂ ହେପାଟୋଲୋଜି, ସର୍ଜିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି, ନେଫ୍ରୋଲୋଜି ଏବଂ କିଡ଼ନୀ ପ୍ରତିରୋପଣ, ୟୁରୋଲୋଜି, ନ୍ୟୁରୋଲୋଜି, ନ୍ୟୁରୋ ସର୍ଜରୀ, ଏଣ୍ଡୋକ୍ରାଇନୋଲୋଜି, କ୍ଲିନିକାଲ୍ ଇମ୍ୟୁନୋଲୋଜି ଏବଂ ରିଉମାଟୋଲୋଜି, ଅସ୍ଥିଶଲ୍ୟ, ସ୍ପାଇନାଲ୍ ସର୍ଜରୀ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ଆଦି ବିଭାଗ ରହିଛି। ଏଠାରେ ଅତ୍ୟାଧୁନିକ ଅସ୍ତ୍ରୋପଚାର ଗୃହ, ଆଇସିୟୁ ଏବଂ ଅନ୍ୟାନ୍ୟ ଅତ୍ୟାଧୁନିକ ଭିତ୍ତିଭୂମି ରହିଛି। ଏହି ସବୁ ସୁପରସ୍ପେଶିଆଲିଟି ବିଭାଗ ଛଡ଼ା ରୋଗୀମାନେ ମେଡ଼ିସିନ୍, ସର୍ଜରୀ, ଶିଶୁରୋଗ, ସ୍ତ୍ରୀ ଓ ପ୍ରସୂତି ରୋଗ, କର୍ଣ୍ଣ-ନାସା-ଗଳା, ଛାତିରୋଗ, ଚର୍ମରୋଗ, ଚକ୍ଷୁର

ଟି ଟାଇମ୍

ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

ଭାଇଜାନ୍‌ଙ୍କ ଚମକ

୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୁ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

ପୁରାଣ କାହାଣୀ

ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।

ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ୱର୍ଗରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୁଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ

ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜେଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଲଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-

ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ

ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

ଆଜିର ଭାଗ୍ୟ

ମେଷ — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

ବୃଷ — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

ମିଥୁନ — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

କର୍କଟ — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

ସିଂହ — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

କନ୍ୟା — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳ

ଲୋକାର୍ପଣକୁ ଦେଢ଼ମାସ ବିତିଲା, ଗୋପାଳଜୀଉ ହାଇସ୍କୁଲର ରୂପାନ୍ତରିତ କାମ ସରିବ କେବେ ?

ଧର୍ମଶାଳା (ପିଏନ୍): ଦ୍ୱିତୀୟ ପର୍ଯ୍ୟାୟରେ ଧର୍ମଶାଳା ବ୍ଲକର ୨୨ଟି ରୂପାନ୍ତରିତ ହାଇସ୍କୁଲକୁ ଗତ ଜୁନ୍ ୧୦ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନ୍‌ଫରେନ୍ସିଂରେ ଲୋକାର୍ପଣ କରିଥିଲେ । ଲୋକାର୍ପଣକୁ ଦେଢ଼ମାସ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅଧିକାଂଶ ହାଇସ୍କୁଲରେ କାମ ସଂପୂର୍ଣ୍ଣ ହୋଇନାହିଁ । ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ଥାନୁଆଳ ପଞ୍ଚାୟତ ମୁରାରୀପୁରର ଗୋପାଳଜୀଉ ହାଇସ୍କୁଲରେ । ବିଦ୍ୟାଳୟ ପାଚେରୀକୁ ଏବେ ସିମେଣ୍ଟ୍ ପ୍ଲାଷ୍ଟର କରାଯାଉଥିବା ଦେଖିବାକୁ ମିଳିଥିବା ବେଳେ ଭାଙ୍ଗିଯାଇଥିବା ଫାଟକକୁ ମରାମତି କରାଯାଉଛି । ବିଦ୍ୟାଳୟର ମଜବୁତ ଫାଟକକୁ ଗତମାସରେ ଏକ ଟ୍ରକ୍ ଧକ୍କା ଦେବାରୁ ଏହା ହଲିଯାଇଥିଲା । ବିପଦସଙ୍କୁଳ ଅବସ୍ଥାରେ ଥିବା ଏହି ପାଚେରୀକୁ ଗତ ସପ୍ତାହରେ ଭାଙ୍ଗି ଦିଆଯାଇଛି । ୫-ଟି ଅଧୀନରେ ଥିବା ଏହି ହାଇସ୍କୁଲର ରୂପାନ୍ତରିକରଣ ନିମନ୍ତେ ପ୍ରାୟ ୬୦ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଏଥିମଧ୍ୟରୁ ୧୦ଲକ୍ଷ ଟଙ୍କା ବ୍ୟୟରେ ୨ଟି ସ୍ମାର୍ଟ ଶ୍ରେଣୀଗୃହ ନିର୍ମାଣ ହେବାକଥା । ଦାୟିତ୍ୱରେ ଥିବା ଅଧିକାରୀ ଓ ଠିକାଦାରଙ୍କ ଦୂରଦୃଷ୍ଟିହୀନତା ଯୋଗୁ ଏପର୍ଯ୍ୟନ୍ତ ଏହା ଶେଷ ହୋଇପାରିନାହିଁ । ପ୍ରଥମେ ଦୁଇଟି ଶ୍ରେଣୀଗୃହକୁ ସ୍ମାର୍ଟ ଶ୍ରେଣୀଗୃହ କରିବା ପାଇଁ ଚିହ୍ନଟ କରାଯାଇ ଏଥିରେ ଟିଭି ପ୍ରୋଜେକ୍ଟର ଆଦି ସରଂଜାମ ଲଗାଯାଇଥିଲା । ଏଠାରେ କଣ ହେଲା କେଜାଣି ପୁଣି ଅନ୍ୟ ଦୁଇଟି ଶ୍ରେଣୀ ଗୃହକୁ ସ୍ମାର୍ଟ କ୍ଲାସ୍‌ରୁମ୍ କରାଯାଇ ସେଥିରେ ଚେୟାର ଟେବୁଲ ଆଦି ପକାଯାଇଛି । ପୂର୍ବ ଦୁଇଟି ରୁମ୍‌ରେ ଟିଭି ପ୍ରୋଜେକ୍ଟର ଲାଗିଥିବା ବେଳେ ଅନ୍ୟ ଦୁଇଟି ରୁମ୍‌ରେ ଚେୟାର ଟେବୁଲ ଆଦି ଫର୍ଣ୍ଣିଚର ସାମଗ୍ରୀ ପକାଯାଇଛି । ଫଳରେ ଛାତ୍ରଛାତ୍ରୀ ସ୍ମାର୍ଟ କ୍ଲାସ୍‌ରୁମ୍‌ରେ ବସି ପାଠ ପଢ଼ିବା ସମ୍ଭବ ହେଉନାହିଁ । ସେହିପରି ସ୍କୁଲ ମଧ୍ୟରେ ଶୌଚାଳୟ, ଖେଳପଡ଼ିଆ ବିକାଶ, ପାର୍କ ଓ ରାସ୍ତା ନିର୍ମାଣପାଇଁ ୧୬ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲେ ମଧ୍ୟ ଏସବୁ କାର୍ଯ୍ୟ ଆରମ୍ଭ ହୋଇନାହିଁ । କେବଳ ଖେଳପଡ଼ିଆରେ କିଛି ମାଟି ପକାଯାଇ ସମତୁଲ କରାଯାଇଛି । ୨ଲକ୍ଷ ଟଙ୍କା ବ୍ୟୟରେ କ୍ରୀଡ଼ା ସାମଗ୍ରୀ ଆସିଥିଲେ ମଧ୍ୟ ଖେଳପଡ଼ିଆ ଅଭାବରୁ ଛାତ୍ରଛାତ୍ରୀ ଖେଳକୁଦ କରିବାରୁ ବଞ୍ଚିତ ହେଉଛନ୍ତି । ଇ-ପାଠାଗାର ପାଇଁ ୫ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ବହି ପହଞ୍ଚିଛି । ହେଲେ ପାଠାଗାର ନିର୍ମାଣ ସରିନାହିଁ । ସାମଗ୍ରୀ କିଣାଯାଇଥିଲେ ମଧ୍ୟ ୪ଲକ୍ଷ ଟଙ୍କାର ବିଜ୍ଞାନାଗାର ବ୍ୟବହାର ଉପଯୋଗୀ ହୋଇପାରିନାହିଁ । ୩ଲକ୍ଷ ଖର୍ଚ୍ଚ କରାଯାଇ ବିଶୁଦ୍ଧ ପାନୀୟ ଜଳଯୋଗାଣ ହେବାକଥା । ଏହା ମଧ୍ୟ ସମ୍ଭବ ହୋଇନାହିଁ । ଦକ୍ଷତା ବିକାଶ ପ୍ରଶିକ୍ଷଣ ଓ ବିଭିନ୍ନ ସାମଗ୍ରୀ କିଣିବା ପାଇଁ ୧୦ଲକ୍ଷ ଏବଂ ଅନ୍ୟାନ୍ୟ ବିକାଶ କାର୍ଯ୍ୟରେ ୧୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇପାରିବ ବୋଲି ମୋ ସ୍କୁଲ ଅଭିଯାନ ଯୋଜନାରେ ବ୍ୟୟ ବରାଦ ହୋଇଥିଲେ ମଧ୍ୟ ଏସବୁ ନିର୍ମାଣ କାର୍ଯ୍ୟ ଶେଷ ହୋଇନଥିବା ଅଭିଯୋଗ ହୋଇଛି । ତେବେ ଲୋକାର୍ପଣ ପୂର୍ବରୁ କେବଳ ସ୍କୁଲ କାନ୍ଥରେ ରଙ୍ଗ ଲଗାଇଦେଇ କାମ ଶେଷ ହୋଇଥିବାର ଭ୍ରମ ସୃଷ୍ଟି କରାଯାଇଥିଲା । ଲୋକାର୍ପିତ ହେବା ପୂର୍ବରୁ ପ୍ରକୃତରେ କାମ ସରିଛି କି ନସରିଛି, ଏସବୁ ଯାଞ୍ଚ କରାଯାଇନଥିଲା । ଏପଟେ କେତେକ ବିଦ୍ୟାଳୟରେ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ଉଠିଛି । ବିଭିନ୍ନ ସାମଗ୍ରୀ କିଣାବିକାରେ ବଡ଼ ଧରଣର କିକ୍‌ବ୍ୟାକ୍ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି । ଏହିଭଳି ପୁଳା ପୁଳା ସମସ୍ୟା ଓ ଅସୁବିଧା ମଧ୍ୟରେ ଅସମ୍ପୂର୍ଣ୍ଣ ରୂପାନ୍ତରିତ ହାଇସ୍କୁଲ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇ ନେତା ଓ ସରକାରୀ ଅଧିକାରୀ ବାଃ ବାଃ ନେଇଥିବା ବେଳେ ପ୍ରକୃତପକ୍ଷେ ସ୍ମାର୍ଟସ୍କୁଲ୍ ନାଁରେ ଛାତ୍ରଛାତ୍ରୀମାନଙ୍କୁ ଭଣ୍ଡାଇ ଦିଆଯାଇଥିବା କୁହାଯାଇଛି । ୫-ଟି ସଚିବ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଭିଭାବକ ମହଲରେ ଦାବି ହୋଇଛି ।

ଯୁକ୍ତ ଦୁଇ ବିଜ୍ଞାନ ଓ ବାଣିଜ୍ୟ ଫଳ ପ୍ରକାଶିତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି । କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ପତ୍ରପୁର ଗ୍ରାମର ଅଭିଜ୍ଞ ସୁନ୍ଦର ନାୟକ ୫୫୮ (୯୨ ପ୍ରତିଶତ) ନମ୍ବର ରଖି ମହାବିଦ୍ୟାଳୟର ବିଜ୍ଞାନ ଟପ୍ପର ହୋଇଥିବା ବେଳେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତର ମଡରପୁର ଗ୍ରାମର ଶୁଭ୍ରଜିତ ସିଂ ୫୭୬ (୯୪.୩)ପ୍ରତିଶତ ନମ୍ବର ରଖି କଲେଜର ବାଣିଜ୍ୟ ଟପ୍ପର ହୋଇଛନ୍ତି ବୋଲି କଲେଜ ଅଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ଓ ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପୁହାଣ ସୂଚନା ଦେଇଛନ୍ତି । ବିଜ୍ଞାନରେ ୩୮୭ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୮୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ପ୍ରଥମ ଶ୍ରେଣୀରେ ୩୫୩, ଦ୍ୱିତୀୟ ଶ୍ରେଣୀରେ ୨୬ ଓ ତୃତୀୟ ଶ୍ରେଣୀରେ ଜଣେ ଉତ୍ତୀର୍ଣ୍ଣ ହୋଇଛନ୍ତି । ୪ ଜଣ ଛାତ୍ରଛାତ୍ରୀ ଅକୃତକାର୍ଯ୍ୟ ହୋଇଛନ୍ତି । ସେହିପରି ୮ ଜଣ ଛାତ୍ରଛାତ୍ରୀ ବିଜ୍ଞାନରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ମହାବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି । ସେହିପରି ଆଳିର ସ୍ମିତିପ୍ରଜ୍ଞା ଦାସ ୫୫୧ ନମ୍ବର ରଖି ଦ୍ୱିତୀୟ ଓ ଆଳିର ଅନ୍ୟ ଜଣେ ଛାତ୍ର ସତ୍ୟଜିତ ପାଢୀ ୫୫୦ ନମ୍ବର ରଖି କଲେଜରେ ତୃତୀୟ ସ୍ଥାନ ହାସଲ କରିଛନ୍ତି । ବାଣିଜ୍ୟରେ ୨୨୧ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୨୧୮ ଛାତ୍ରଛାତ୍ରୀ ଉତ୍ତରୀର୍ଣ୍ଣ ହୋଇଛନ୍ତି । ପ୍ରଥମ ଶ୍ରେଣୀରେ ୧୯୨, ଦ୍ୱିତୀୟ ଶ୍ରେଣୀରେ ୧୭ ଓ ତୃତୀୟ ଶ୍ରେଣୀରେ ୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ମାତ୍ର ୩ଜଣ ଛାତ୍ରଛାତ୍ରୀ ଅକୃତକାର୍ଯ୍ୟ ହୋଇଛନ୍ତି । ବାଣିଜ୍ୟରେ ପଟ୍ଟାମୁଣ୍ଡାଇର ରଞ୍ଜନ କୁମାର ରାଉତ ଓ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତ ହାଲପୁର ଗ୍ରାମର ରବିନାରାୟଣ ପ୍ରଧାନ ଉଭୟ ୫୬୫ ନମ୍ବର ରଖି ଯୁଗ୍ମ ଭାବେ କଲେଜରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି । ଆୟବାର ସୁନିଲ କୁମାର ସ୍ୱାଇଁ ୫୫୯ ନମ୍ବର ରଖି କଲେଜରେ ତୃତୀୟ ସ୍ଥାନରେ ଅଛନ୍ତି । ବାଣିଜ୍ୟରେ ୧୮ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ମହାବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି । ବିଜ୍ଞାନରେ ପାସ ହାର ୯୯ ପ୍ରତିଶତ ଓ ବାଣିଜ୍ୟରେ ପାସ ହାର ୯୮.୬ ପ୍ରତିଶତ ରହିଛି ବୋଲି ଅଧ୍ୟକ୍ଷ ଶ୍ରୀ ବେହେରା ସୂଚନା ଦେଇଛନ୍ତି । ଉଭୟ ବିଜ୍ଞାନ ଓ ବାଣିଜ୍ୟ ଟପ୍ପରଙ୍କୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବେହେରା, ଅଧ୍ୟାପକ ରଞ୍ଜିତ କୁମାର ଦାସ ଓ ଅନ୍ୟ ଅଧ୍ୟାପକ, ଅଧ୍ୟାପିକମାନେ ଶୁଭେଚ୍ଛା ଜଣାଇଛନ୍ତି । ଫଳ ପ୍ରକାଶ ପାଇବା ପରେ ମହାବିଦ୍ୟାଳୟରେ ଖୁସିର ଲହରୀ ଖେଳି ଯାଇଛି ।

ବିଶିଷ୍ଟ ଶିକ୍ଷାବିତ୍ ପ୍ରଫୁଲ୍ଲ ରାଉତରାୟଙ୍କ ଶ୍ରଦ୍ଧାଞ୍ଜଳି ସଭା

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବିକାଶ ମଞ୍ଚ ସୌଜନ୍ୟରେ ବିଶିଷ୍ଟ ଶିକ୍ଷାବିତ୍ ଦିବଂଗତ ପ୍ରଫୁଲ୍ଲ କୁମାର ରାଉତରାୟଙ୍କ ଦ୍ୱାଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଗୋପାଳପୁର ଯୁବକ ସଂଘ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଶିକ୍ଷାବିତ୍ ନିରାକାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମହାକାଳପଡା ବିକାଶ ମଞ୍ଚ, ରାଜଶ୍ରୀ ତଥା ବେଳାଭୂମି ସାହିତ୍ୟ ସଂସ୍କୃତି ପରିଷଦର ସଭାପତି କାଶିନାଥ ରାଉତରାୟ, ରାଜ୍ୟ ଓଷ୍ଟାର କାର୍ଯ୍ୟକାରିଣୀ ସଦସ୍ୟ ପ୍ରଣବ କୁମାର ଜେନା, ଆଶୁକବି ହେମନ୍ତ ଜେନା, ପୂର୍ବତନ ଶିକ୍ଷାଧିକାରୀ ବିଦ୍ୟୁତ କୁମାର ଖୁଣ୍ଟିଆ, ଅଜୟ କୁମାର ପରିଡା ଭାଗୀରଥି ନନ୍ଦ, ବିଜୟ କୁମାର ନାଥ, ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ନାରାୟଣ ପଣ୍ଡା, ନରୋତ୍ତମ ପାଇକରାୟ, ବ୍ୟଙ୍ଗକବି ଅପର୍ତ୍ତି ସେଠୀ, ଶିବପ୍ରସାଦ ସ୍ୱାଇଁ ପ୍ରମୁଖ ସ୍ୱର୍ଗତଃ ରାଉତରାୟଙ୍କ ଦୀର୍ଘ ୪୦ବର୍ଷର ନିର୍ମଳ ଶିକ୍ଷା ସେବା ଉପରେ ସ୍ମୃତିଚାରଣ କରି ଶ୍ରଦ୍ଧା ନିବେଦନ କରିଥିଲେ । ଗୋପାଳପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆଦର୍ଶ ପ୍ରଧାନଶିକ୍ଷକ, ମହାକାଳପଡା ଜଗନ୍ନାଥ କମିଟି ସଭାପତି, ମହାକାଳପଡାର ଅନୁଶିକ୍ଷା ନିରୀକ୍ଷକ, ଶିକ୍ଷକ ସଂଘର ଅଗ୍ରଦୂତ ଓ ଅଞ୍ଚଳର ମୂରବୀ ଭାବେ ତାଙ୍କର ବେଶ୍ ସୁନାମ ଥିଲା ବୋଲି ବକ୍ତାମାନେ ପ୍ରକାଶ କରିଥିଲେ । ସର୍ବପ୍ରଥମେ ବେଦପାଠ ମଧ୍ୟରେ ଦିବଂଗତ ରାଉତରାୟଙ୍କ ତୈଳଚିତ୍ରରେ ସାମୂହିକ ମାଲ୍ୟାର୍ପଣ କରାଯିବା ସହ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ କ୍ଷେତ୍ରମଣି ଦେଇ କବିତା ମାଧ୍ୟମରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ ସହିତ ସ୍ମୃତିଚାରଣ କରି ଧନ୍ୟବାଦ ଅର୍ପଣ କରିଥିଲେ । ତାଙ୍କ ଆତ୍ମାର ସନ୍ତୁଷ୍ଟି ଉଦ୍ଦେଶ୍ୟରେ ମଞ୍ଚ ପକ୍ଷରୁ ସଭାପତି କାଶିନାଥ ରାଉତରାୟ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ପୂର୍ବ ଶିକ୍ଷାଧିକାରୀ ଅଜୟ କୁମାର ପରିଡା, ବୈକୁଣ୍ଠନାଥ ପ୍ରଧାନ, କେଶବ ଚନ୍ଦ୍ର ପରମାଣିକ, ବ୍ୟଙ୍ଗକବି ଅପର୍ତ୍ତିଚରଣ ସେଠୀ ଓ ଯୁଗରୂପା ବିଦ୍ୟାଭବନର କୃତୀ ଛାତ୍ରୀ ଲକ୍ଷ୍ମୀପ୍ରିୟା ମହାପାତ୍ର ଏବଂ ସାବିତ୍ରୀ କୁଅଁରଙ୍କୁ ମାନପତ୍ର, ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ କର୍ମସାରଥି ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

ମା'ଚାମୁଣ୍ଡେଶ୍ୱରୀଙ୍କ ଶକ୍ତିପୀଠ, ମହିଶୂର

କର୍ଣ୍ଣାଟକ ରାଜ୍ୟର ମହୀଶୂର ସହର ଠାରୁ ମାତ୍ର ୧୩ କି.ମି.ଦୂର ଚାମୁଣ୍ଡି ପାହାଡ଼ ଉପରେ ଶ୍ରୀ ଚାମୁଣ୍ଡେଶ୍ୱରୀ ମନ୍ଦିର ଅବସ୍ଥିତ । ଏହି ମନ୍ଦିର ମା'ଦୁର୍ଗା(ପାର୍ବତୀ)ଙ୍କର ହିଁ ଅନ୍ୟ ଏକ ସ୍ୱରୂପ "ମା'ଚାମୁଣ୍ଡେଶ୍ୱରୀ"ଙ୍କୁ ସମର୍ପିତ ହୋଇଛି । ପୁରାଣ ଶାସ୍ତ୍ରରେ ବର୍ଣ୍ଣନା ଅନୁଯାୟୀ ଭରତୀୟ ଉପମହାଦେଶରେ ୪ଟି ଆଦି ଶକ୍ତିପୀଠ, ୧୮ଟି ମହା ଶକ୍ତିପୀଠ ଓ ୫୧ ଟି ଶକ୍ତିପୀଠ ରହିଛି । ତେବେ ଏହି ୧୮ଟି ମହା ଶକ୍ତିପୀଠ ମଧ୍ୟରେ"ମା'ଚାମୁଣ୍ଡେଶ୍ୱରୀ"ମନ୍ଦିର ବା ଶକ୍ତିପୀଠ ଅନ୍ୟତମ । ଶକ୍ତିପୀଠ ଗୁଡ଼ିକର ସୃଷ୍ଟି ସଂପର୍କରେ ପୁରାଣ ବର୍ଣ୍ଣିତ ଏକ ଚମକପ୍ରଦ କାହାଣୀ ରହିଛି । ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ଯଜ୍ଞ କଲାବେଳେ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କଲେ ନାହିଁ । ଫଳରେ ଦେବୀ ସତୀ ନିଜେ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚିଲେ ଓ ବାପାଙ୍କୁ କିଛି କହିବା ପୂର୍ବରୁ ସ୍ୱୟଂ ଦକ୍ଷରାଜ ଝିଅ ସତୀ ଓ ଶିବଙ୍କୁ ଅପମାନ ସୂଚକ କଥା ଶୁଣାଇଲେ । ସେଠାରେ ସମସ୍ତ ଦେବୀ ଦେବତା ଉପସ୍ଥିତ ଥିବାରୁ ମା'ସତୀଙ୍କୁ ଖୁବ୍ ବାଧିଲା । ଅତି ଦୁଃଖରେ ମ୍ରିୟମାଣ ହୋଇ ମାତା ସତୀ ସେହି ଯଜ୍ଞକୁଣ୍ଡରେ ଆତ୍ମଦାହ କରିଦେଲେ । ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସତୀଙ୍କ ମର ଶରୀର ହାତରେ ଧରି ତାଣ୍ଡବ

ନୃତ୍ୟ କରିବାକୁ ଲାଗିଲେ । ସବୁଆଡ଼େ ଚାଲିଲା ଧ୍ୱଂସଲୀଳା । ଏହାର ସମାଧାନ ପାଇଁ ଦେବ ଦେବୀ ମାନେ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ । ଭଗବାନ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ । କିଛି କ୍ଷଣ ମଧ୍ୟରେ ମା'ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଂଚି ହୋଇ ପଡ଼ିଲା । ସର୍ବ ଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଅଂଶ ବା ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକର ସୁରକ୍ଷା ପାଇଁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା । ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ । ଏହିପରି ପୃଥିବୀରେ ୪ଟି ଆଦି ଶକ୍ତିପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି ।

ସେହି ଖଣ୍ଡ ବା ଅଂଶମାନଙ୍କ ମଧ୍ୟରୁ ମାତା ସତୀଙ୍କ କେଶ(ବାଳ)ଏହି ଶକ୍ତିପୀଠରେ

ପଡ଼ିଥିଲା । ସେଦିନ ଠାରୁ ଏହି ସ୍ଥାନ ଏକ ପ୍ରମୁଖ ଶକ୍ତିପୀଠ ଭାବେ ପରିଚିତ । କୁହାଯାଏ ଯେ, ଶକ୍ତିପୀଠର ସୁରକ୍ଷା ହେତୁ ଭଗବାନ କାଳ ଭୈରବ ମଧ୍ୟ ସର୍ବଦା ଏଠାରେ ବିଦ୍ୟମାନ ଅଛନ୍ତି ।

ପୁରାଣ ଯୁଗରେ ଏହି କ୍ଷେତ୍ରକୁ "କ୍ରୋଂଚ ପୁରୀ"କୁହାଯାଉଥିଲା । ଏହି କାରଣରୁ ଦକ୍ଷିଣ ଭାରତରେ ଏହି ମନ୍ଦିର "କ୍ରୋଂଚ ପିଠମ୍ ଭାବେ ମଧ୍ୟ ଜଣାଶୁଣା । ଦ୍ରାବିଡ଼୍ ବାସ୍ତୁଶିଳ୍ପ ଶୈଳୀରେ ନିର୍ମିତ "ମା'ଚାମୁଣ୍ଡେଶ୍ୱରୀ"ଙ୍କ ମନ୍ଦିର ଖୁବ୍ ଆକର୍ଷକ ଓ କାରୁକାର୍ଯ୍ୟରେ ପୂର୍ଣ୍ଣ । ମନ୍ଦିର ଭିତର ଗର୍ଭଗୃହରେ ଦେବୀଙ୍କ ସ୍ୱର୍ଣ୍ଣର ପ୍ରତିମା ରହିଛି । ସାତ ମହଲା ବିଶିଷ୍ଟ ଏହି ମନ୍ଦିରର ଭବ୍ୟ ସ୍ୱରୂପ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କୁ ମନ୍ତ୍ରମୁଗ୍ଧ କରୁଛି । ପାହାଡ଼ ଉପରୁ ମହୀଶୂରର ପ୍ରାକୃତିକ ସୌନ୍ଦର୍ଯ୍ୟ ମନଲୋଭା ଭଳି ହୋଇଛି । ମହୀଶୂରର ଦଶହରା ପର୍ବ ବିଶ୍ୱ ପ୍ରସିଦ୍ଧ । ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ଏହି ପର୍ବ ଏକ କମନୀୟ, ଅପରୂପ ଓ ଅଦ୍ୱିତୀୟ ହୋଇଥାଏ ।

"ମା'ଚାମୁଣ୍ଡେଶ୍ୱରୀ"ଙ୍କ ମନ୍ଦିର ପଛକୁ ମହାବଲେଶ୍ୱରଙ୍କୁ ସମର୍ପିତ ଏକ ଛୋଟ ଶିବ ମନ୍ଦିର ରହିଛି, ଯାହା ୧ହଜାର ବର୍ଷ ରୁ ଅଧିକ ପୁରାତନ । ମନ୍ଦିରର ଏକ ମୁଖ୍ୟଦ୍ୱାର, ରୂପାରେ ତିଆରି ପ୍ରବେଶ ଦ୍ୱାର, ନବରଙ୍ଗ ସଭାମଣ୍ଡପ, ଭିତର ମଣ୍ଡପ ଓ ଗର୍ଭଗୃହ ରହିଛି । ମନ୍ଦିରର ଦ୍ୱାରରେ ଶ୍ରୀ ଗଣେଶଙ୍କ ପ୍ରତିମା ସ୍ଥାପିତ ହୋଇଛି । ରୂପାରେ ନିର୍ମିତ ଦ୍ୱାରରେ ମା'ଙ୍କର ବିଭିନ୍ନ ରୂପର ଚିତ୍ର ଶୋଭା ପାଉଛି । ମୂଳ ମନ୍ଦିରର ନିର୍ମାଣ ୧୨ ଶତାବ୍ଦୀରେ ହୋୟଶାଲ୍ ରାଜା ବିଷ୍ଣୁ ବର୍ଦ୍ଧନଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା । ଏହି ମନ୍ଦିରର ଶିଖର ୧୭ ଶତାବ୍ଦୀରେ ବିଜୟନଗର

ଶାସକମାନେ ନିର୍ମାଣ କରିଥିଲେ । "ମା'ଚାମୁଣ୍ଡେଶ୍ୱରୀ"ମହୀଶୂର ରାଜା ମାନଙ୍କ ଅଧିଷ୍ଠାତ୍ରୀ ଦେବୀ ଥିଲେ । ଏହି ମନ୍ଦିର ପାଖରେ ହିଁ ପାହାଡ଼ ଉପରେ ମହାବଲେଶ୍ୱର, ନନ୍ଦୀ ମନ୍ଦିର ଓ ଦେବୀ କୁଣ୍ଡ ଅବସ୍ଥିତ । ଏହି ସ୍ଥାନରେ ମା'ଦୁର୍ଗା ମହିଷାସୁରର ବଦ୍ଧ କରିଥିବା କୁହାଯାଏ । ଏହି ପାହାଡ଼ ଉପରେ ମଧ୍ୟ ମହିଷାସୁରର ସୁଉଚ୍ଚ ମୂର୍ତ୍ତି ଓ ମା'ଙ୍କ ମନ୍ଦିର ରହିଛି । ମା'ଙ୍କ ମନ୍ଦିର ପ୍ରତିଦିନ ସକାଳ ୭ଟା ୩୦ରୁ ଦ୍ୱିପ୍ରହର ୨ଟା, ଅପରାହ୍ନ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪



ଭୁବନେଶ୍ୱର, ୨୦୨୨, ଜୁଲାଇ ୩୦

ଭାରତୀୟ ଆଧ୍ୟାତ୍ମିକ ଇତିହାସ ଓ ସ୍ୱାମୀ ବିବେକାନନ୍ଦ

ଭାରତୀୟ ଆଧ୍ୟାତ୍ମିକ ଇତିହାସରେ ସ୍ୱାମୀ ବିବେକାନନ୍ଦ ଓ ପରମ ସାଧକ ରାମକୃଷ୍ଣ ପରମହଂସଙ୍କ ସାକ୍ଷାତ ଏକ ଯୁଗାନ୍ତକାରୀ ଓ ଅମୃତ ମୁହୂର୍ତ୍ତ। ଏହି ସାକ୍ଷାତକାର ପରଠାରୁ ଭାରତର ଆଧ୍ୟାତ୍ମିକ ଆକାଶରେ ନୂତନ ସୂର୍ଯ୍ୟ ରୂପେ ବିବେକାନନ୍ଦଙ୍କର ଉଦୟ ହେଲା। ୧୮୮୧ରେ ଏହି ସ୍ମରଣୀୟ ଘଟଣା ଘଟିଥିଲା। ବିବେକାନନ୍ଦ ସେତେବେଳେ ନରେନ୍ଦ୍ର ଦତ୍ତ ନାମରେ ପରିଚିତ ସାଧାରଣ ଶିକ୍ଷିତ ଯୁବକ ଭାବେ ପରିଚିତ ଥିଲେ। ମାତା ଭୁବନେଶ୍ୱରୀ ଓ ପିତା ବିଶ୍ୱନାଥ ଦତ୍ତଙ୍କ ଔରସରୁ ତା.୧୨.୦୧.୧୮୬୩ ରିଖରେ ସେ ଜନ୍ମଗ୍ରହଣ କରିଥିଲେ। ଗର୍ଭରେ ଥିବାବେଳେ ତାଙ୍କ ମାତା ସ୍ୱପ୍ନ ଦେଖିଥିଲେ ଯେ, ସ୍ୱୟଂ ମହାଦେବ କହୁଛନ୍ତି, ସେ ଏକ ଅଶେଷ ଗୁଣବାନ୍ ପୁତ୍ରର ଜନ୍ମ ଦେବାକୁ ଯାଉଛନ୍ତି! ସେଥିପାଇଁ ସେ ତାଙ୍କର ବାଲ୍ୟ ନାମ ରଖିଥିଲେ ବିଶ୍ୱେଶ୍ୱର। ପିତା ଜଣେ ପ୍ରତିଷ୍ଠିତ ଆଇନଜୀବୀ ଥିଲେ। ଅଜା ଦ୍ୱାରିକାନାଥ ସଂସାର ତ୍ୟାଗ କରିଥିଲେ। ପିଲାଦିନୁ ପାଠ ସହ ସେ ଆଧ୍ୟାତ୍ମିକ ଦିଗ ପ୍ରତି ଆକୃଷ୍ଟ ଥିଲେ। କଲିକତାର ପ୍ରେସିଡ଼େନ୍ସି କଲେଜ ଓ ସ୍କଟିସ୍ ଚର୍ଚ୍ଚ କଲେଜରୁ ଉଚ୍ଚଶିକ୍ଷା ଲାଭ କରିଥିଲେ। ନିଜର ଜ୍ଞାନତୃଷ୍ଣା ନିବାରଣ ପାଇଁ ସେ ବ୍ରାହ୍ମ ସମାଜରେ ମିଶିଲେ। ମାତ୍ର ସେଥିରୁ ସେ ତୃପ୍ତି ପାଇଲେ ନାହିଁ। ଶେଷରେ ତାଙ୍କର ଜଣେ ଅଧ୍ୟାପକଙ୍କ ପରାମର୍ଶରେ ସେ ରାମକୃଷ୍ଣ ପରମହଂସଙ୍କୁ ସାକ୍ଷାତ୍ କଲେ। ତାଙ୍କର ପ୍ରଥମ ସାକ୍ଷାତ୍ ରାମକୃଷ୍ଣଙ୍କର ଜଣେ ଭକ୍ତଙ୍କ ଘରେ ହୋଇଥିଲା। ନରେନ୍ଦ୍ରଙ୍କୁ ଦେଖି

ରାମକୃଷ୍ଣ ତାଙ୍କୁ ଅନେକ ସମୟ ଯାଏ ନିରୀକ୍ଷଣ କଲେ। ତାଙ୍କ ପାଟିରୁ ସ୍ୱତଃ ବାହାରି ପଡ଼ିଲା, "ନରେନ୍ଦ୍ର, ମୁଁ ତୁମକୁ କେବେଠୁ ଅପେକ୍ଷା କରିଛି! ତୁମେ ଆସିବାର ବହୁ ଡ଼େରି କରିଦେଲ।..." ନିଜର ଧ୍ୟାନବଳରେ ସେ ଜାଣିଲେ ଯେ, "ନରେନ୍ଦ୍ର ପୂର୍ବଜନ୍ମରେ ଜଣେ ମହର୍ଷି ଥିଲେ। ରାମକୃଷ୍ଣଙ୍କ ବାଣୀର ପ୍ରଚାର ପ୍ରସାର ତଥା ଅଦ୍ୱୈତବାଦର ପ୍ରସାର ପାଇଁ ସେ ଜନ୍ମ ହୋଇଛନ୍ତି।" ଏହାପରେ ଏକ ଅଜଣା ଆକର୍ଷଣରେ ନରେନ୍ଦ୍ର ବାରମ୍ବାର ରାମକୃଷ୍ଣଙ୍କ ପାଖକୁ ଟାଣି ହୋଇ ଆସିଲେ। ବିଭିନ୍ନ ଧର୍ମ ସମ୍ମିଳନୀରେ ସେ ମଧୁର କଣ୍ଠରେ ଭଜନ ଗାଇଲେ। ତଥାପି ତାଙ୍କ ମନରେ ସଂଶୟ ଲାଗି ରହିଥାଏ। ଏହି ଅଧା ପାଗଳ ଅଶିକ୍ଷିତ ମଣିଷ କ'ଣ ତାଙ୍କୁ ଜ୍ଞାନର ବାଟ ଦେଖାଇ ପାରିବ?...ହଠାତ୍ ଦିନେ ସେ ରାମକୃଷ୍ଣଙ୍କୁ ପଚାରିଲେ, "ଆପଣ ଈଶ୍ୱରଙ୍କୁ ଦେଖିଛନ୍ତି କି?" ତତ୍‌କ୍ଷଣାତ୍ ରାମକୃଷ୍ଣ ଉତ୍ତର ଦେଲେ, "ହଁ, ମୁଁ ଦେଖିଛି! ତୁମକୁ ମୁଁ ଯେଉଁଭଳି ଦେଖୁଛି, ଈଶ୍ୱରଙ୍କୁ ବି ସେଭଳି ଦେଖିଛି ଓ ଉପଲବ୍ଧି କରିଛି!" ଏହା କହି ସେ ନିଜର ପାଦକୁ ନରେନ୍ଦ୍ରଙ୍କ ଦେହରେ ଛୁଆଇଁ ଦେଲେ। ନରେନ୍ଦ୍ରଙ୍କୁ ଲାଗିଲା, ସେ ଯେମିତି ନିଜର ଅସ୍ତିତ୍ୱ ହରାଉଛନ୍ତି। ତାଙ୍କର ଆତ୍ମା ଯେପରି ତୀବ୍ର ବେଗରେ ମହାକାଶରେ ଧାଇଁବାକୁ ଲାଗିଛି। ଏକ ବିରାଟ ଜ୍ୟୋତିମଣ୍ଡଳ ସବୁଆଡ଼େ ଘେରି ରହିଛି। କୀଟଠାରୁ ବ୍ରହ୍ମ ଯାଏ ସଜୀବ ନିର୍ଜୀବ ସବୁଆଡ଼େ ସେହି ଜ୍ୟୋତି ପୂରି ରହିଛି। ତାଙ୍କର ଶରୀର ଯେପରି କମ୍ପି ଉଠିଲା। ସେ ଚିତ୍କାର କରି ଉଠିଲେ, "ଆପଣ ଏ କ'ଣ କରୁଛନ୍ତି?" ରାମକୃଷ୍ଣ ତାଙ୍କର ସ୍ପର୍ଶ ପ୍ରତ୍ୟାହାର କରିନେଲେ। ନରେନ୍ଦ୍ର ଭାବିବାକୁ ଲାଗିଲେ, ଏହା କ'ଣ ଏକ ସମ୍ମୋହନ ବିଦ୍ୟା? ହେଲେ ଜଣେ ଅଧା ପାଗଳ ଅଧା ପାଠୁଆ ମଣିଷ ତାଙ୍କ

ଭଳି ଜଣେ ଉଚ୍ଚଶିକ୍ଷିତ ଓ ଦୃଢମନା ଯୁବକକୁ ସମ୍ମୋହନ କରିବା କ'ଣ ସମ୍ଭବ? ଏହାପରେ ରାମକୃଷ୍ଣ ଧୀରେଧୀରେ ନରେନ୍ଦ୍ରଙ୍କୁ ନିର୍ବିକଳ୍ପ ସମାଜର ସୂତ୍ର ସବୁ ଶିକ୍ଷା ଦେଲେ। ନରେନ୍ଦ୍ର ମଧ୍ୟ ଘଣ୍ଟାଘଣ୍ଟା ଧରି ସମାଧିସ୍ଥ ହେବାକୁ ଲାଗିଲେ। ଇତିମଧ୍ୟରେ ନରେନ୍ଦ୍ରଙ୍କର ପିତୃବିୟୋଗ ଘଟିଲା। ଆତ୍ମୀୟମାନେ ଘରବାଡ଼ି ନେଇଗଲେ। ପରିବାରର ପ୍ରତିପୋଷଣ ପାଇଁ ସେ ବ୍ୟସ୍ତ ହୋଇପଡ଼ିଲେ। ଅନେକ ସମୟ ଉପବାସରେ କଟିଲା। ଦାରିଦ୍ର୍ୟ ଜର୍ଜରିତ ହୋଇ ସେ ଦିନେ ରାମକୃଷ୍ଣଙ୍କୁ କହିଲେ, "ଆପଣ ମା' କାଳୀଙ୍କୁ କହି ମୋ ପାଇଁ ଅନ୍ନବସ୍ତ୍ରର ବ୍ୟବସ୍ଥା କରି ଦିଅନ୍ତୁ!" ରାମକୃଷ୍ଣ ସେତେବେଳେ ରାଣୀ ରାଶମଣିଙ୍କ ଦ୍ୱାରା ସ୍ଥାପିତ ଦକ୍ଷିଣେଶ୍ୱର କାଳୀ ମନ୍ଦିରରେ ପୂଜାର୍ଚ୍ଚନା କରୁଥାନ୍ତି। ଭାବବିହ୍ୱଳ ଚିତ୍ତରେ ସେ କାଳୀଙ୍କୁ ନିଜର ମା' ବୋଲି ଡାକିଥାନ୍ତି। କଥାବାର୍ତ୍ତା ମଧ୍ୟ ହୋଇଥାନ୍ତି। ସେ ନରେନ୍ଦ୍ରଙ୍କୁ କହିଲେ, "ତୁମ ଜୀବନ ଲକ୍ଷଲକ୍ଷ ଲୋକଙ୍କ ପାଇଁ ଉଦ୍ଦିଷ୍ଟ। ଏହି ଛୋଟ ଜିନିଷ ତୁମ ପାଇଁ ମୁଁ ମା'ଙ୍କୁ ମାଗିପାରିବି ନାହିଁ! ତୁମେ ନିଜେ ମା'ଙ୍କୁ ମାଗ।" ନରେନ୍ଦ୍ର କାଳୀଙ୍କ ପାଖକୁ ଗଲେ। ଏକଲୟରେ କାଳୀ ମୂର୍ତ୍ତିକୁ ଚାହିଁ ରହିଲେ। ତାଙ୍କ ଆଗରେ ମା' କାଳୀ ଯେପରି ଜୀବନ୍ତ ରୂପେ ଠିଆ ହୋଇଗଲେ। ନିଜର ଅଜାଣତରେ ସେ ମା'ଙ୍କୁ ମାଗିଲେ, 'ମତେ ଭକ୍ତି, ମୁକ୍ତି ଓ ଜ୍ଞାନ ଦିଅ!' ଅନ୍ନବସ୍ତ୍ର ମାଗିବା କଥା ସେ ଭୁଲିଗଲେ। ଥରଥର କରି ତିନିଥର ଏଭଳି ଘଟିଲା। ଶେଷରେ ରାମକୃଷ୍ଣ ହସିହସି କହିଲେ, "ତୁମର ଜୀବନ ଧନ ଅର୍ଜନ କରିବାକୁ ନୁହେଁ।" ମାତ୍ର ମା' କାଳୀଙ୍କ କୃପାରୁ ଏଥର ତାଙ୍କ ପାଇଁ ଅନ୍ନବସ୍ତ୍ରର ଅଭାବ ରହିଲା ନାହିଁ। ଏହାପରେ ନରେନ୍ଦ୍ର ନିଜକୁ ଗୁରୁଙ୍କ ସେବାରେ ନିୟୋଜିତ କରିଦେଲେ। ସେ ସଂସାର ତ୍ୟାଗ କରିବାକୁ ଇଚ୍ଛା ପ୍ରକାଶ କରିବାରୁ ଗୁରୁ ଆଦେଶ ଦେଲେ, "ମୋ ମୃତ୍ୟୁ ପର୍ଯ୍ୟନ୍ତ ତୁମେ ସଂସାରରେ ଥାଅ! ମୋ ଅନ୍ତେ ତୁମେ ସନ୍ନ୍ୟାସ ପଥ ଅନୁସରଣ କରିବ!" ୧୮୮୫ରେ ରାମକୃଷ୍ଣଙ୍କ ଗଳାରେ କର୍କଟ ରୋଗର ଲକ୍ଷଣ ଦେଖାଦେଲା। ନିଜ ସାଥୀଙ୍କ ସହିତ ନରେନ୍ଦ୍ର ଦିନରାତି ଗୁରୁଙ୍କ ସେବାରେ ଲାଗି ରହିଲେ। ଶେଷରେ ଦିନେ ରାମକୃଷ୍ଣ ନରେନ୍ଦ୍ରଙ୍କୁ ପାଖକୁ ଡ଼ାକିଲେ ଓ ତାଙ୍କର ସ୍ପର୍ଶ କଲେ। ନରେନ୍ଦ୍ର ଅନୁଭବ କଲେ, ଯେପରି ତାଙ୍କ ଦେହରେ ବିଦ୍ୟୁତ୍ ଶକ୍ତି ପ୍ରବାହିତ ହୋଇଗଲା। ଏହାପରେ ରାମକୃଷ୍ଣ କାନ୍ଦିକାନ୍ଦି କହିଲେ, "ନରେନ୍ଦ୍ର, ଆଜି ମୁଁ ତୁମକୁ ସବୁ କ୍ଷମତା ଦେଇ ଦେଉଛି! ମୁଁ ବର୍ତ୍ତମାନ୍ ଜଣେ ନିଃସ୍ୱ-ଫକିର!..." ପୁଣି ସମସ୍ତଙ୍କୁ ଲକ୍ଷ୍ୟ କରି ସେ କହିଲେ, "ନରେନ୍ଦ୍ର ଉଇଲ୍ ଟିଚ୍।" ଏହାପରେ ସେ ସମାଧିସ୍ଥ ହେଲେ ଓ ତାଙ୍କର ଆତ୍ମା ବ୍ରହ୍ମରେ ଲୀନ ହୋଇଗଲା। ଗୁରୁଙ୍କର ଆଶୀଷକୁ ଶିରରେ ବହନ କରି ନରେନ୍ଦ୍ର ଆଧ୍ୟାତ୍ମିକ ଜଗତରେ ଯେଉଁ ବିପ୍ଳବ ସୃଷ୍ଟି କଲେ, ତାହା ତାଙ୍କୁ ବିଶ୍ୱବିଜୟୀ ବିବେକାନନ୍ଦରେ ପରିଣତ କଲା।

ଡାକ୍ତର ସୁରେନ୍ଦ୍ର ନାଥ ଦାଶ, ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ୍, ନବରଙ୍ଗପୁର, ମୋ-୯୪୩୭୨୩୫୩୮୬

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ସୁକ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

ସ୍ୱଚ୍ଛଳ ଶାସନତନ୍ତ୍ର : ଅଚଳ ଅର୍ଥନୀତି

ମାୟାଧର ନାୟକ

ଏବେ ସବୁଆଡେ ଶସ୍ତା ସ୍ଲୋଗାନ୍। ବସ୍ତାବସ୍ତା ଭାଷଣବାଜିର ରିହାତି-ରାଜନୀତି। ଏ ଦଳ କହୁଚି ସେ ଦଳ ଚୋର, ସେ ଦଳ କହୁଚି ଏ ଦଳ ତସ୍କର। ଲୋକେ କହୁଛନ୍ତି ସବୁ ଦଳ-ପଙ୍ଗପାଳ। ଶାସନତନ୍ତ୍ରର ଶସ୍ୟକ୍ଷେତ୍ରରେ ପ୍ରବେଶ କରିବା ପାଇଁ ସମସ୍ତେ ପାଗଳ। ଆଗେ ଆମର ରାଷ୍ଟ୍ରନୀତିଜ୍ଞ ଥିଲେ–ଯେଉଁମାନଙ୍କ ସଂଖ୍ୟାହ୍ରାସ ଘଟିଛି ଶୋଚନୀୟ ଭାବରେ। ଏବେ ଅବଶ୍ୟ ରାଜନୀତିଜ୍ଞ ଅଛନ୍ତି କେତେକ – ମାତ୍ର ଚଳନ୍ତି ରାଜନୀତିର ଚକ୍ରବ୍ୟୂହରେ ସେମାନେ ନିଷ୍ପ୍ରଭ ଚରିତ୍ର ଜଣେଜଣେ। ବର୍ତମାନର ରାଜନୀତି ଏକପ୍ରକାର ପ୍ରଜାଶୋଷଣଧର୍ମୀ ପ୍ରବୃତି ନହେଲେ ରାଜକୋଷଲୁଣ୍ଠନମୁଖୀ ବାଜନୀତି। ରାଜନୀତିକୁ ବାଜନୀତିରେ ବଦଳାଇ ଦେଇଥିବା ଅପଶକ୍ତିର ଆଙ୍କାବହ ବର୍ଗ ଗୋଟିଏ ଗୋଟିଏ ଦଳ ଗଢି ସାରା ଦେଶକୁ ଦଖଲ କରିବାକୁ ବ୍ୟଗ୍ର। ଏମାନେ କେବଳ ମିଥ୍ୟାଚାରୀ, ଭ୍ରଷ୍ଟାଚାରୀ, ବ୍ୟଭିଚାରୀ, ଅବିଚାରୀ ବା ମୁଖାଧାରୀ ନୁହନ୍ତି, ଦରକାର ପଡିଲେ ଏମାନେ ବି ଭାରତୀୟ ଗଣତନ୍ତ୍ରର ହତ୍ୟାକାରୀ ହେବାକୁ ହାତ ମିଳାନ୍ତି ପରସ୍ପର ସହିତ। ଗୋଟିଏ ବୃତ୍ତାନ୍ତ ବିଡମ୍ବନାର ପର୍ଯ୍ୟାୟରେ ପହଂଚିସାରିଛି ଭାରତବର୍ଷର ରାଜନୀତି। ତାହା ହେଉଛି, କେବଳ ବଣିକବର୍ଗ ଓ ଧନିକବର୍ଗର ସମବାୟ ସମିତିକୁ ନେଇ ଗଢାହେଉଛି ଶାସନ ଓ ପ୍ରଶାସନ ବ୍ୟବସ୍ଥା। କେବଳ ଧନୀଲୋକେ ନିର୍ବାଚନୀ ରାଜନୀତିର ମଇଦାନରେ ଦଳୀୟ ଟିକେଟ୍ ପାଇ ଯାତ୍ରା ଦେଖାଉଛନ୍ତି ଜନଗଣଙ୍କୁ। ଜଣେ ଗରିବ ଲୋକ ଯେତେ ଯୋଗ୍ୟତା, ଦକ୍ଷତା ଓ ଆନ୍ତରିକତାର ଅଧିକାରୀ ହେଉ ପଛେ – ଏ ଚନ୍ଦନଚର୍ଚ୍ଚିତ ଚିହ୍ନାବ୍ରାହ୍ମଣମାନଙ୍କ ଚିତାଚଇତାନୀ ରାଜନୀତି ତାକୁ ନେତୃତ୍ୱ ସ୍ତରକୁ ଉନ୍ନୀତ କରାଇବାର ସୁଯୋଗ ଦିଏନା। ଗରିବ ଲୋକଟିଏ ଖୁବ୍ ବେଶିରେ ମୁଖିଆ କର୍ମୀ ପର୍ଯ୍ୟନ୍ତ ଯାଇପାରେ, ମାତ୍ର ଟିକେଟ୍ କିଣି ନିର୍ବାଚନ ଜିଣି ନେତା ହେବା କି ମନ୍ତ୍ରୀ ହେବା ତା'ପକ୍ଷରେ ସହଜ ବ୍ୟାପାର ନୁହେଁ।

ଗଣତନ୍ତ୍ରରୁ ଗରିବ କ୍ରମେ ବିଦାୟ ନେଉଛି। ଗରିବ ନାଆଁରେ ଗୁରୁଗମ୍ଭୀର ଧ୍ୱନି ଦେଇ ଧନ୍ୟ ଏବେ ନିଜକୁ ବୋଲାଉଛି ନେତା– ଏ ଜନତାର ହର୍ତାକର୍ତା-ଦୈବ ବିଧାତା। ବ୍ୟୟବହୁଳ ନିର୍ବାଚନ କେବଳ ନକଲି ନେତୃତ୍ୱର ରାଜନୈତିକ ବିସ୍ତାରବାଦ ନିମନ୍ତେ ବାଟ ଫିଟାଉଛି। ଏହାଦ୍ୱାରା ଜାତୀୟ ସମ୍ପତି ଉପରେ ଶ୍ୱେନଦୃଷ୍ଟି ପକାଉଥିବା ଧନୀ ଧୂର୍ତମାନେ ଜାତୀୟ ବିପତିକୁ ନେଇ ମିନିଟିଏ ବି ମୁଣ୍ଡବ୍ୟଥାରେ ଘାରି ହେଉଥିବା ଉପଲବ୍ଧି କରିପାରୁନାହାନ୍ତି କେହି। 'ଦାରିଦ୍ର୍ୟ' ଏଭଳି ଏକ ସୂତ୍ର, ଯାହାକୁ ନେଇ ଏଠି ଏବେ ରାଜନୈତିକ ଦାରିବୃତି ନିଜ ନିଷିଦ୍ଧ ବଜାର ବିଛାଇବାର ବେଶ୍ ସଫଳ ହୋଇପାରିଛି। କିନ୍ତୁ ଏ 'ସଫଳତା' ଆମ ଜାତୀୟ ବ୍ୟର୍ଥତାକୁ ସାରା ଦୁନିଆ ଦରବାରରେ ସାବ୍ୟସ୍ତ କରିସାରିଛି ଶତସହସ୍ରଗୁଣ।

ଜନତା ଦିନକୁଦିନ ଦରିଦ୍ର ହେଉଥିବାବେଳେ ନେତା ହେଉଛି ଧନୀ ଓ ମାନୀ। ଧନବଳରେ ଏଠି ଆୟତ କରାଯାଇପାରୁଛି ଜନବଳକୁ। ମନୋବଳ ଭାଙ୍ଗି ପଡୁଛି ଯୁବପିଢିର। ବାଟବଣା ହେଉଛି ବେକାର ଯୁବକ, ବେରୋଜଗାର ଗରିବ, ନିଃସ୍ୱ କୃଷକ, ନିର୍ଦ୍ଧନ ଶ୍ରମିକ – ସାଧାରଣ ସର୍ବହରା ମଣିଷ। ରାଜନୀତି ଏଠି ଚାଲିଚି ବହୁଦଳୀୟ ଏକ ସୁପରିକଳ୍ପିତ ଯୋଜନାରେ। ସେ ଯୋଜନାର ସୂତ୍ରଧର ହେଉଛନ୍ତି ବିଦେଶୀ ପୁଞ୍ଜି ଉପରେ ପ୍ରତିଷ୍ଠିତ ଦେଶୀ ଶିଳ୍ପପତି ଗୋଷ୍ଠୀ ଏବଂ ସେମାନଙ୍କ ଭତାରେ ପରିପାଳିତ ଓ ପରିଚାଳିତ ଏ ଦେଶର ସୁବିଧାବାଦୀ ନ୍ୟସ୍ତସ୍ୱାର୍ଥ ସ୍ୱଚ୍ଛଳ ରାଜନୈତିକ ନେତୃପକ୍ଷ। ଦେଶ ଓ ଜାତିକୁ ନେଇ ଛଦ୍ମଚରିତ୍ରବର୍ଗ ଟେକି ଦେଉଛନ୍ତି ଭୟଙ୍କର ଭବିଷ୍ୟତ ହାତରେ। ଏଠି ଚଷା ମୂଲିଆ ମାହାଳିଆ ମରୁଚି, ଯୁବକ ଅକାଳ ବାର୍ଦ୍ଧକ୍ୟ କରୁଚି, ଶିଶୁମୃତ୍ୟୁର ହାର ଆହୁରି ବଢୁଚି। ବଂଚୁଛନ୍ତି ସେଇମାନେ - ଯେଉଁମାନେ ଜନଜୀବନକୁ ତଳିତଳାନ୍ତ କରି ସୁଇସ୍‌ବ୍ୟାଙ୍କ୍‌ରେ ନିଜ ସତାଇଶ ପୁରୁଷ ପାଇଁ ସଂପାଦି ରଖିଛନ୍ତି କଳାଟଙ୍କାର ଗୁପ୍ତ ଆକାଉଂଟ୍! କୁଆଡେ ଏତେ କଳାଟଙ୍କା ସୁଇସ୍ ବ୍ୟାଙ୍କ୍‌ରେ ଅଛି ଯେ ସେଠୁ ମାତ୍ର ୨୩ ଲକ୍ଷ କୋଟି ଟଙ୍କା ଆସିପାରିଲେ ଭାରତର ପ୍ରତି ଗାଆଁ ପିଛା ପଡିବ ୪ କୋଟି ଟଙ୍କା ଭାଗ ଏବଂ ଏଇ ଭାଗରେ ଗଢିଉଠିବ ଗରିବର ଗଣତନ୍ତ୍ର ! କି ଧୂଆଁବାଣ ! କେବଳ ମିଛମଣିଷମାନଙ୍କ ମଲାଘୋଡାର ଟାଙ୍କ ମାପିବା ବାଗବାଇଶ ଇଏ! ଗରିବାର ଗଣତନ୍ତ୍ରକୁ ଧୂର୍ତର ଧନତନ୍ତ୍ର କାହିଁକି ବା ବଂଚାଇରଖିବାର ଆନ୍ତରିକ ଉଦ୍ୟମ ବଜାୟ ରଖିବ?

'ନେତା' ଶବ୍ଦର ଅର୍ଥ ଆଜି ପ୍ରଦୂଷିତ। ଖଟୁଆ, ମିଛୁଆ, ଲାଂଚୁଆ ଚରିତ୍ରର ନାମାନ୍ତର ପାଲଟିଛି ଏଇ 'ନେତା' ଶବ୍ଦ। ଏକ ନକାରାତ୍ମକ ଦୃଷ୍ଟିଭଂଗୀ ବ୍ୟାପିସାରିଛି ଭାରତୀୟ ରାଜନୀତିର 'ନେତା' ପଦକୁ ନେଇ। ନେତିବାଚକ ନେତୃତ୍ୱ ଓ ନୀତିରହିତ ରାଜନୀତିରେ ଭାରତବର୍ଷ ନୟାନ୍ତ। ପ୍ରଶାସନ ଆଉ ଜନଗଣଙ୍କ ପ୍ରତ୍ୟୟର ପରୀକ୍ଷା ଦେବାକୁ ଯୋଗ୍ୟ ନୁହେଁ। ସ୍ୱାର୍ଥସେବୀ ଶାସନର ସଇତାନୀ ଚକ୍ର ସିଏ। ହାକିମ ଆଗରେ ହାରିଗୁହାରି କରିକରି ହାରିସାରିଚି ହତାଶ-ପୁଲିସ୍ ପାଖରେ ଫେରାଦି ହେଇ ହେଇ ଫେରାର୍ ହେଇଯାଇଚି ଫକିରା। ଗରିବ ଗଢିବ ଗଣତନ୍ତ୍ର- ଯଦି ହଟିପାରିବ ନକଲି ନେତୃତ୍ୱର ଶାସନତନ୍ତ୍ର, ଧୂର୍ତ ଧଳାହାତୀମାନଙ୍କର ଧନତନ୍ତ୍ର, ଅମାନବିକତାରେ ଅଭ୍ୟସ୍ତ ଅବଶ ଅମଲାତନ୍ତ୍ର ! ନହେଲେ ନିସ୍ତାର ନାହିଁ। ନିସ୍ତାର ଦରକାର ଏ ସରକାର ଛତ୍ରଛାୟାଶ୍ରିତ ଅମଲାତାନ୍ତ୍ରିକ ଆଭିମୁଖ୍ୟରୁ। ଅମଲାତନ୍ତ୍ରର ଅଳିଆଗଦାରେ ଆମର ଲକ୍ଷ ଲକ୍ଷ ହେକ୍ଟର ଚାଷଜମିର ଭାଗ୍ୟ ଫିତାବନ୍ଧା ଫାଇଲ୍ ପାଲଟି ସାରିଛି। ପ୍ରଶାସନ କ'ଣ? କେବଳ ଖଂଟକୁର୍ସିର ଚାରିଖୁରା – ଯେଉଁ ଚାରିଖୁରାରେ ବନ୍ଧା ହୋଇରହିଛି ବଂଧୁକ, ସିଂଦୁକ, ଯୋଜନା, ପରିଚାଳନା। ଜନଗଣଙ୍କ ଜୀବନସଂଗ୍ରାମର ସ୍ୱାଧୀନତା ପାଇଁ ଏ ଚାରୋଟିର ମୁକ୍ତି ଆଗେ ଦରକାର। ଅର୍ଥାତ୍ ବଂଧୁକର ଗୁଳି କୌଣସି ଗରିବ, ଦିନମଜୁରିଆ, ଆଦିବାସୀ କି ଅଧିବାସୀର ଛାତି ଆଡକୁ ଉଦ୍ଦିଷ୍ଟ ନହେଉ– ସିଂଦୁକର ସଂପତି କୌଣସି ଶାସିତ, ଶୋଷିତ, ବଂଚିତ କି ପ୍ରବଂଚିତର ସ୍ୱେଦଶୋଣିତରେ ଉପାର୍ଜିତ ଅର୍ଥଆଡକୁ ତୋଷରପାତୀ ତୀକ୍ଷ୍ଣଦୃଷ୍ଟି ନ ପକାଉ-ଯୋଜନାର ଯନ୍ତ୍ରଶାଳା କୌଣସି ଜାତି ବା ଜନଜାତିର ଉନ୍ନୟନ ନିମନ୍ତେ ଅଭିପ୍ରେତ ଅଟକଳକୁ ଅଟ୍ଟହାସ ନ କରୁ – ଏବଂ ପରିଚାଳନାର ପରୀକ୍ଷାନିରୀକ୍ଷା କୌଣସି ସନ୍ଧି ବା ଅଭିସନ୍ଧିର ଶିକାର ନହେଉ। ଦୁଃଖର କଥା ଯେ ବର୍ତମାନ ସ୍ୱଚ୍ଛଳ ଶାସନତନ୍ତ୍ରର ଅଚଳ ଅର୍ଥନୀତି ସାରା ଦେଶକୁ ପଙ୍ଗୁତ୍ୱ ଆଡକୁ ମୁହାଁଇ ନେଉଛି। ଆଜିର ଚଂଚକ ରାଜନୀତି ଆଗରେ ଚାଣକ୍ୟ ଅର୍ଥନୀତି ଆଣ୍ଠେଇପଡିଛି। ହାୟ! ଅର୍ଥନୀତିଜ୍ଞ ବି କହୁଛନ୍ତି ରାଜନୀତିଆଙ୍କ ବ୍ୟୟବରାଦର ଆୟ-ଆଦାୟ ବାବଦରେ ମୁଣ୍ଡ ନଖେଳାଇବା ପାଇଁ! ଯା'ଠାରୁ ବଳି ବିଡମ୍ବନା ଆଉ କ'ଣ ଥାଇପାରେ? ଆଜିର ଭାରତବର୍ଷ ଯେତେବେଳେ ଚଳନ୍ତି ରାଜନୀତିର ଚଳୁକରା ଚରିତ୍ର ଉପରୁ ଆସ୍ଥା ହରାଇବାକୁ ଯାଉଛି, ସେତେବେଳେ ଆମେ ସମସ୍ତେ ଲୋଡୁଚୁ ଅସଲ ଅର୍ଥନୀତିର ହିତୋପଦେଶ। ମାତ୍ର ଆଜି ଅର୍ଥନୀତି ବି ରାଜନୀତିର ରିସ୍ତେଦାର? ଅର୍ଥନୈତିକ ମାନ୍ଦାବସ୍ଥାର ଆତଙ୍କଜନକ ଆବହାଓ୍ୱାରେ ସାରା ଦୁନିଆକୁ ତ୍ରସ୍ତ କରିରଖିବାକୁ ଚାହୁଁଥିବା ଧୂର୍ତ ଧନତନ୍ତ୍ର ଏବେ ଭାରତବର୍ଷକୁ ନିଜ କଂସେଇଖାନାରେ ପରିଣତ କରି ଧ୍ୱସ୍ତ କରିଦେବ ଉତରପିଢିର ନବଭାରତକୁ।

ନବଭାରତର ରାଜନୀତି ଏ ଭବସଂକଟକୁ ସାମ୍ନା କରିବ ନା ନାହିଁ? ବର୍ତମାନର ଭକ୍ଷକ ରାଜନୀତିର ଭସ୍ମାସୁରମାନଙ୍କ କବଳରୁ ଦେଶ ଓ ଜାତିକୁ ବଂଚାଇବାକୁ ହେଲେ ପ୍ରଥମେ ଦରକାର ରାଜନୀତିରୁ ଦଳମାନଙ୍କୁ ଉଚ୍ଛେଦ କରିବାର ଅଭିଯାନ। ଦଳ ପାଇଁ ନୁହେଁ, ଦେଶ ପାଇଁ ଯେଉଁ ରାଜନୀତି–ତାହା ହିଁ ଆମର ଦାବୀ।

-ଯାଜପୁର ରୋଡ, ଯାଜପୁର, ମୋ: ୯୮୬୧୦୩୪୧୬୩

ପରୋପକାର

ଉମାଶଙ୍କର ପ୍ରସାଦ

ସୃଷ୍ଟିର ବୈଚିତ୍ର୍ୟ

ସହରାଞ୍ଚଳ କୃଷିର ସ୍ୱତନ୍ତ୍ର ଅବଦାନ : ରୁଫ୍‌ଟପ୍ ଗାର୍ଡ଼େନିଙ୍ଗ

ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

ସମୟର ସାରାଂଶରେ ଜନସଂଖ୍ୟା ଏବେ ହୁ ହୁ ହୋଇ ବଢୁଛି । ଚାଷଜମି ସବୁ ପଡ଼ିଆ ହୋଇ ପଡ଼ିରହୁଛି । ଆଉ ବାକିତକ କାରଖାନାର କଳେବରରେ ଚାପିହୋଇଗଲେଣି । ଯେଉଁ ଚାଷଜମି ସଭ୍ୟତାର ଆଦ୍ୟ ଓଁକାର ଥିଲା ଆଜି ତାହା ନିସ୍ୱ ପାଲଟିଯାଇଛି । ବିଜ୍ଞାନର ଚକ୍ରବୃଦ୍ଧି ହାର ସହ କୃଷି ବି ଏବେ ଅବହେଳିତ । ପରିବେଶ ଆଜି ଶ୍ରୀହୀନ । ଯାହା ଦିନେ ସବୁଜିମାର ଆବରଣ ତଳେ ବେଶ ସତେଜ ହେଇ ଝଲସି ଉଠୁଥିଲା ଆଜି ସେସବୁ ମୁକ ପାଲଟିଯାଇଛି । କିନ୍ତୁ ସହରୀକରଣ ମଧ୍ୟରେ ଏବେ ମୁଣ୍ଡଟେକି ଉଠିଛି

ରୁଫଟପ୍ ଗାର୍ଡ଼େନିଙ୍ଗ । ଯାହା ପୁଣିଥରେ ସବୁଜମୟ ହେବାର ପରିକଳ୍ପନା ନେଇ ଘରର ଛାତ ଉପରେ ଶୋଭା ପାଉଛି । ଘର ଛାତ ତ ଶ୍ୟାମଳର ରଙ୍ଗରେ ଭିଜିଯାଉଛି ତା ସହ ମନ ଓ ଶରୀର ଏକ ଅଫୁରନ୍ତ ଆନନ୍ଦରେ ଆନନ୍ଦିତ ବି ହେଉଛି । ରୁଫଟପ୍ ଗାର୍ଡ଼େନିଙ୍ଗ- ଘର ଉପରେ ଆକର୍ଷଣୀୟ ଝଲକ ତଥା ମନଲୋଭା ସୌନ୍ଦର୍ଯ୍ୟ ସହ ବେଶ ଜୀବନ୍ତ ଲାଗୁଛି ।

ସମ୍ପ୍ରତି ଭାରତବର୍ଷରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ସମସ୍ତଙ୍କ ପାଇଁ ଏକ ବିରାଟ ସମସ୍ୟା ସୃଷ୍ଟି କରିଛି । ଏପରିକି ଏହା ବିଶ୍ୱର ସମାଜିକ,ଅର୍ଥନୈତିକ ତଥା ପରିବେଶ ପାରିପାର୍ଶ୍ୱିକ ଅବସ୍ଥା ଉପରେ ମଧ୍ୟ ନାନାଦି ସମସ୍ୟା ଉପୁଜାଉଛି । ୧୯୯୬ ଜୁନ ମାସରେ ହୋଇଥିବା ଏକ ଅନ୍ତର୍ଜାତୀୟ କନଫେରେନ୍ସରେ ସହରାଂଚଳ କୃଷି ବା ଅର୍ବାନ ଏଗ୍ରିକଲଚର ମୁଖ୍ୟ ଏଜେଣ୍ଡା ଭବେ ସ୍ଥାନ ପାଇଥିଲା ।

ସହରାଂଚଳ କୃଷି କଣ ?

ସାଧାରଣତଃ ଗ୍ରାମାଂଚଳରେ କୃଷିକୁ ପ୍ରାଥମିକତା ଦିଆଯାଇଥାଏ । ପରନ୍ତୁ ଆଜିକାଲି ସହରରେ ମଧ୍ୟ କୃଷିର ଚାହିଦା ଢ଼େର ଅଧିକ । ସହରରେ କୃଷିର ଗୁରୁତ୍ୱକୁ ବଢ଼ାଇବା ପାଇଁ ଏବେ ସହରରେ ମଧ୍ୟ ବିଭିନ୍ନ ପ୍ରକାର ଉପାୟ ଆପଣାଇ କୃଷି କାର୍ଯ୍ୟ କରାଯାଉଛି । ଯେପରିକି ପାକଶାଳା ବଗିଚା , ରୁଫଟଫ ଗାର୍ଡ଼େନିଙ୍ଗ , ଭର୍ଟିକାଲ ଗାର୍ଡ଼େନିଙ୍ଗ ଇତ୍ୟାଦି । ସହର ମାନଙ୍କରେ କରାଯାଉଥିବାରୁ ଏହା ବିଶେଷ ଭାବରେ ପରିବେଶ ସନ୍ତୁଳନରେ ରକ୍ଷା କରିଥାଏ । ପ୍ରଥମତଃ ସହର ମାନଙ୍କରେ ସର୍ବାଧିକ ଅଦରକାରୀ ପଦାର୍ଥ , ବର୍ଜ୍ୟବସ୍ତୁ ତଥା ଜୈବିକ ବସ୍ତୁ ବାହାରିଥାଏ । ସହରାଂଚଳ କୃଷି ଏହିସବୁ ପଦାର୍ଥକୁ ଏକ ଭିନ୍ନ ପରିପାଟୀ ପ୍ରଦାନ କରି ନୂଆ ସମ୍ପଦ ସୃଷ୍ଟି କରିଥାଏ । ଯାହା ଫଳରେ ଜଳ ସଂରକ୍ଷଣ , ମୃତ୍ତିକା ସଂରକ୍ଷଣ ଠାରୁ ଆରମ୍ଭ କରି ଏହା ଏକ ସୁସ୍ଥ ଓ ସୁନ୍ଦର ପରିବେଶର ବାତାବରଣ ତିଆରି କରେ । ଏହା ମଣିଷକୁ ବଂଚିବାର ଏକ ନୂଆ ରାହା ଯୋଗାଉଛି କହିଲେ ବି ଅତ୍ୟୁକ୍ତି ହେବ ନାହିଁ ।

ରୁଫଟପ୍ ଗାର୍ଡ଼େନିଙ୍ଗ-

ଚାଷ ଜମିରେ ସବୁପ୍ରକାର ଫସଲ ଚାଷ କରାଯାଇଥାଏ । ଏକଥା ତ ସମସ୍ତଙ୍କୁ ଜଣା । କିନ୍ତୁ ଥରେ ଚିନ୍ତା କଲେ ଯଦି ସହରରେ ଘର କରି ରହୁଥିବେ , ଆଉ ଘର ଛାତ ଉପରେ ଭେଳିକି ଭେଳି ପନିପରିବା ଆଉ ଫୁଲଗଛ ଲାଗିଥିବ । ସଂନ୍ଧ୍ୟା ହେଲେ ମହମହ ପବନ ସହ ସେସବୁ ଖୁବ୍ ଆକର୍ଷଣୀୟ ଲାଗୁଥିବେ ,ଏହା ମନକୁ ଆନନ୍ଦିତ କରିବା ସହ ମାନସିକ ଶାନ୍ତି ପ୍ରଦାନ କରେ । ସେହି ପରିପ୍ରେକ୍ଷୀରେ ରୁଫଟପ୍‌ର ଆକ୍ଷରିକ ଅର୍ଥ ଛାତ ଉପର । ଅର୍ଥାତ ଏହା କୁହାଯାଇପାରେ ଘରର ଛାତ ଉପରେ ଜୈବିକ ଉପାୟରେ ବିଭିନ୍ନ ଫସଲ (ପନିପରିବା , ଫୁଲ , ଔଷଧୀୟ ଗଛ ଇତ୍ୟାଦି) ଚାଷ କରିବାର ପ୍ରଣାଳୀକୁ ରୁଫଟପ୍ ଗାର୍ଡ଼େନିଙ୍ଗ କୁହାଯାଏ ।

ରୁଫଟପ୍ ଗାର୍ଡ଼େନିଙ୍ଗ ସହରାଂଚଳ କୃଷିର ଏକ ସ୍ୱତନ୍ତ୍ର ଅବଦାନ । କହିବାକୁ ଗଲେ ଘରର ଛାତ ଉପରେ ଥିବା ଖାଲି ସ୍ଥାନ ସବୁବେଳେ ଅଦରକାରୀ ହୋଇ ପଡ଼ିରହିଥାଏ । ତେବେ ଏସବୁ ସ୍ଥାନକୁ ଯଦି କୌଣସି ଉପାୟରେ କର୍ମ ଉପଯୋଗୀ କରାଯାଇପାରନ୍ତା ତାହେଲେ ଏହା ସବୁଜମୟ ପରିବେଶ ସୃଷ୍ଟି କରିପାରିବ । ଘରର ଛାତ ଉପରେ ବଗିଚାଟିଏ ଉପଯୁକ୍ତ ସୂର୍ଯ୍ୟାଲୋକ ଓ ବର୍ଷା ପାଇପାରେ । ସବୁଠାରୁ ବଡ଼ କଥା ଏହା କି ରୁଫଟଫ ଗାର୍ଡ଼େନିଙ୍ଗ କରିବା ଦ୍ୱାରା ଯେଉଁ ଜଳ ନଷ୍ଟ ହୋଇ ଯାଉଥିଲା ତାହାକୁ ରୋକାଯାଇପାରିବ । ପରିବେଶକୁ ସୁରକ୍ଷିତ ରଖାଯାଇପାରିବ । ସୁତରାଂ ଏହା ଏକ ଅତ୍ୟାଧୁନିକ କୌଶଳ ଓ କମ ଖର୍ଚ୍ଚରେ ଆତ୍ମନିର୍ଭରଶୀଳ ହେବାର ଏକ ନୂତନ ସୋପାନ ।

ଉପକାରିତା -

-ଶତକଡ଼ା ୫୦ଭାଗ ଜଳକୁ ସଂରକ୍ଷିତ କରାଯାଇପାରିବ ଓ ଏହା ଗଛର ବଂଶବିସ୍ତାରରେ ସାହାଯ୍ୟ କରିଥାଏ ।

-ଘରର ଛାତକୁ ଯେକୌଣସି କ୍ଷତିକାରକ ରଶ୍ମି ଓ ଅତ୍ୟଧିକ ତାପମାତ୍ରା କବଳରୁ ରକ୍ଷା କରିଥାଏ ।

-ଖରା ଦିନେ ଛାତ ଥଣ୍ଡା ଓ ଶୀତ ଦିନେ ଉଷୁମ ରହିଥାଏ ।

-ପରିବେଶ ପ୍ରଦୂଷଣରୁ ମୁକ୍ତ ତଥା ପରିବେଶ ସନ୍ତୁଳନରେ ସାହାଯ୍ୟ କରେ ।

-ମାନସିକ ଶାନ୍ତି ତଥା ଏହା ଆକର୍ଷଣୀୟ ପରିପାଟୀରେ ଶୋଭା ପାଇଥାଏ ।

-ଘର ଛାତ ଉପରେ ଥିବାରୁ ଉତ୍ସେଦନ ପ୍ରକ୍ରିୟାରେ ଉତ୍ତାପ ହ୍ରାସ କରିଥାଏ ।

ରୁଫଟପ୍ ଗାର୍ଡ଼େନିଙ୍ଗର ଯୋଜନା ପ୍ରସ୍ତୁତ-

ତେବେ ଘରର ଛାତ ଉପରେ ଏପରି କରିବା ପୁର୍ବରୁ ଆମକୁ ଏକ ସମ୍ପୂର୍ଣ୍ଣ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ ।

-ପ୍ରଥମତଃ ରୁଫ ଗାର୍ଡ଼େନ କିପରି କରିବା ?

-କେଉଁ କେଉଁ ପନିପରିବା ତଥା ଫସଲ ଲଗେଇବାକୁ ଯୋଜନା କରିବା ।

- ମୃତ୍ତିକାର ସ୍ତର , ଡ୍ରେନେଜ ବ୍ୟବସ୍ଥା, ଜଳସେଚନର ସୁବିଧା - ଏସବୁ ଦିଗରେ ଧ୍ୟାନ ଦେବା ଆବଶ୍ୟକ ।

-ଫସଲ ଲଗେଇବା ପରଠୁ ଅମଳ ଫସଲ ଚୟନ ଏକ ପ୍ରମୁଖ ତଥା ଦରକାରୀ ସୋପାନ । ତେବେ କେଉଁ ସମୟରେ କେଉଁ ଫସଲ ଚାଷ କଲେ ଆମର ଉତ୍ପାଦନର ହାର ବୃଦ୍ଧି ପାଇବ ଓ କେଉଁ ପରିବେଶ ପାଇଁ କେଉଁ ଫସଲର ଚାହିଦା ବେଶୀ (ଋତୁ ଅନୁଯାୟୀ) ସେସବୁ ଉପରେ ଧ୍ୟାନ ଦେବାକୁ ପଡ଼ିବ । ଏହା ବ୍ୟତୀତ ପିଏଚ୍ ଏକ ମୁଖ୍ୟ ଦିଗନ୍ତ । ମାଟିର ପିଏଚ୍ ଅନୁସାରେ ଫସଲ ମଧ୍ୟ ଭିନ୍ନ ଭିନ୍ନ ଚାଷ କରାଯାଏ । ଏମିତିକି କିଛି ଫସଲର ଦେଶୀ କିସମ ମଧ୍ୟ ଚାଷ କରାଯାଇପାରେ । ତେବେ ଏସବୁକୁ ବିଭିନ୍ନ ଦିଗ(ରୁଫର ଡ଼ାଇମେନସନ୍ ,ମରୁଡ଼ି ସହନଶୀଳ ,ସଅଳ କିସମ)ପ୍ରତି ଧ୍ୟାନ ଦେଇ ଚାଷ କରାଯାଇଥାଏ । ଏହା ଆତ୍ମନିଯୁକ୍ତିକୁ ପ୍ରୋତ୍ସାହନ ଯୋଗାଇଥାଏ ।

ଖତସାର ପ୍ରୟୋଗ-

ବିଭିନ୍ନ ଫସଲ ମୃତ୍ତିକାର ପତଳା ସ୍ତର ଦେଇ ଭଲ ଭାବେ ବଢ଼ିପାରିଥାଏ । ତେବେ ରୁଫଟପ୍ ଗାର୍ଡ଼େନିଙ୍ଗରେ ଖତ ସାରର ପ୍ରୟୋଗ ଠିକ ଭାବେ ଆଉ ସଠିକ ସମୟରେ ପ୍ରୟୋଗ କରିବା ଦରକାର । ଯେମିତିକି କୌଣସି ସମୟରେ ପୋଷକ ତତ୍ତ୍ୱର ଅଭାବ ପରିଲକ୍ଷିତ ନହୁଏ । କାରଣ ଗଛ ପାଇଁ ନାଇଟ୍ରୋଜେନ , ଫସଫରସ , ପଟାସର ଏକ ମୁଖ୍ୟ ଭୂମିକା ନେଇଥାଏ । ତେବେ ଖତସାର ପ୍ରୟୋଗରେ ଅନିୟମିତତା ଦେଖାଦେଲେ ଠିକ ଭାବେ ଖଣିଜଲବଣ ମିଳିପାରିନଥାଏ । ଯାହା ଫଳରେ ଗଛ ଠିକ ଭାବେ ବଢ଼ିପାରିନଥାଏ । ଏହା ଯୋଗୁଁ ଚେର ଖାଦ୍ୟ ପାଇପାରେ ନାହିଁ । ଫଳରେ ଗଛଟି କମ୍ ଦିନରେ ମରିଯାଏ । ତେବେ [illegible] ଠିକ ଭାବେ [illegible] ଅମଳ ସହିତ ଗଛ ବି ସୁସ୍ଥ ରହିଥାଏ । ସୁତରାଂ

ରୁଫଟପ୍ ଗାର୍ଡ଼େନିଙ୍ଗରେ ଜୈବିକ ଉପାୟରେ କୀଟ ପରିଚାଳନା କରାଗଲେ ଏହା ଆମକୁ ରାସାୟନିକ କୀଟନାଶକର କୁପ୍ରଭାବରୁ ରକ୍ଷା କରିପାରିବ । ତେବେ ଏଥିପାଇଁ ମୁଖ୍ୟତଃ ହାଣ୍ଡିଖତ ଓ ପଂଚଗବ୍ୟକୁ ବ୍ୟବହାର କରାଯାଏ । ଏହା ବ୍ୟତୀତ ନିମ୍ବ ପିଡ଼ିଆ , ନିମତେଲକୁ ମଧ୍ୟ ବ୍ୟବହାର କରାଯାଏ ।

ରୁଫ୍‌ଟପ୍ ଗାର୍ଡ଼େନିଙ୍ଗ୍ ଗରେ ଜୈବିକ ଉପାୟରେ କୀଟ ଦମନ ପାଇଁ ଆମେ ଜୀବାମୃତ ଓ ନୀମାସ୍ତ୍ର କୁ ମଧ୍ୟ ବ୍ୟବହାର କରିପାରିବା ।

ଜୀବାମୃତ - ପ୍ରସ୍ତୁତି ପ୍ରଣାଳୀ- ୧୦୦୦ ଲିଟର ପାଣି, ୫୦ କିଗ୍ରା ଗୋବର, ୫୦ ଲିଟର ଗୋମୂତ୍ର, ୧୦-୧୨ କିଗ୍ରା ବେସନ, ୧୦-୧୨ କିଗ୍ରା ଗୁଡ, ଆଉ ଗଛ ମୂଳରୁ କିଛି ବାଲି (ଦୁଇ ହାତ) କିମ୍ବା (ଅନ୍ୟ ଯେକୌଣସି ପୁରୁଣା ଗଛର ମୂଳର ବାଲିକୁ ମଧ୍ୟ ବ୍ୟବହାର କରାଯାଇପାରେ) ।

ଏସବୁକୁ ଗୋଟିଏ ପାତ୍ରରେ ମିଶ୍ରଣକରି ଗୋଳାନ୍ତୁ ଓ ସୂର୍ଯ୍ୟାଲୋକଠାରୁ ଦୂରରେ ଅର୍ଥାତ ଛାଇ ଜାଗାରେ ରଖନ୍ତୁ । ୪ଦିନ ପର୍ଯ୍ୟନ୍ତ ପ୍ରତ୍ୟହଃ ୧୦ ମିନିଟ୍ ଲେଖା ଏ ମିଶ୍ରଣକୁ ଭଲଭାବେ ଘାଣ୍ଟିବା ଆବଶ୍ୟକ । ୧୦-୧୨ ଦିନ ପରେ ଏହା ବ୍ୟବହାର ଉପଯୋଗୀ ହୋଇଯାଏ । ଏହାପରେ ଆମେ ବଗିଚା କି ଚାଷ କ୍ଷେତରେ ବ୍ୟବହାର କରିପାରିବା ।

ନ୍ତ ଏହା ମାଟିର ଉର୍ବରତା ବଢାଇବା ସହ ମିତ୍ର ଜୀବାଣୁଙ୍କ ସଂଖ୍ୟା ବୃଦ୍ଧି କରେ ।

ନ୍ତ ଯେହେତୁ ୪-୫ ଦିନ ମଧ୍ୟରେ ଏହା ପ୍ରସ୍ତୁତ ହୋଇପାରେ, ତେଣୁ ଏହାକୁ ଅତି ସହଜରେ ଜମିରେ ବ୍ୟବହାର କରାଯଇପାରିବ ।

ନ୍ତ ଜୀବାମୃତର ବ୍ୟବହାର ମାଟିରେ ଜିଆର ସଂଖ୍ୟା ବୃଦ୍ଧି କରେ ଯାହା ମାଟିକୁ ହାଲୁକା କରିବା ସହ ଦଳଧାରଣା କ୍ଷମତା ବୃଦ୍ଧି କରେ ।

ନ୍ତ ଏହାକୁ ମଧ୍ୟ ଆମେ ସ୍ପ୍ରେ ଭାବେ ବ୍ୟବହାର କରିପାରିବା ।

ନୀମାସ୍ତ୍ର- ଜୈବିକ କୃଷି କ୍ଷେତ୍ରରେ ନୀମାସ୍ତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହା ରାସାୟନିକ କୀଟନାଶକ ପରିବର୍ତ୍ତେ ବ୍ୟବହାର କରାଯାଏ ।

ଆବଶ୍ୟକୀୟ ଉପାଦାନ -

ପାଣି-୧୦୦ ଲିଟର

ଗୋବର - ୫ କିଗ୍ରା

ଗୋମୂତ୍ର - ୫ ଲିଟର

ନିମ୍ବ ପତ୍ର - ୫ କିଗ୍ରା

ପ୍ରସ୍ତୁତି ପ୍ରଣାଳୀ - ୧୦୦ ଲିଟର ପାଣିରେ ୫ ଲିଟର ଗୋମୂତ୍ର ମିଶାଇଦିଅନ୍ତୁ । ଏହା ସହ ସେଥିରେ ୫କିଗ୍ରା ଗୋବରକୁ ବି ମିଶେଇଦିଅନ୍ତୁ । ପାଖରେ ଥିବା ୫କିଗ୍ରା ନିମ୍ବପତ୍ରକୁ ଗୁଣ୍ଡ କରନ୍ତୁ ଓ ଏହାକୁ ଉପରୋକ୍ତ ପାଣିରେ ମିଶାନ୍ତୁ । ଏହାକୁ ୨୪ ଘଣ୍ଟା ଯାଏଁ ରଖନ୍ତୁ । ଦିନକୁ ଦୁଇଥର ଲେଖାଏଁ ଘାଣ୍ଟନ୍ତୁ । ଶେଷରେ ଏହାକୁ ଛାଣି ବ୍ୟବହାର କରନ୍ତୁ ।

ରଖିବା ସ୍ଥାନ - ଏହି ଦ୍ରବଣକୁ ସବୁବେଳେ ସକାଳ ଓ ସନ୍ଧ୍ୟା ଦୁଇ ସମୟରେ ଘାଣ୍ଟିବା ଦରକାର । ଏହାକୁ ଏକ ଛାଇ ସ୍ଥାନରେ ରଖିବା ଆବଶ୍ୟକ । ମଶା , ମାଛି ନବସିବା ପାଇଁ ଏହାକୁ ଜାଲ ଦ୍ୱାରା ଘୋଡ଼େଇଦିଆଯାଏ ।

ପ୍ରୟୋଗ ସମୟ - ସକାଳ ୬ଟାରୁ ୮.୩୦ ଓ ସନ୍ଧ୍ୟା ୪ଟାରୁ ୬.୩୦

ଜଳସେଚନ- ଯେହେତୁ ଏହା ଆମ ଘରର ଛାତ ଉପରେ କରାଯାଇଥାଏ , ତେଣୁ ଆମେ ଏହି ରୁଫଟପ୍ ଗାର୍ଡ଼େନିଙ୍ଗର ଉପଯୁକ୍ତ ଯତ୍ନ ନେଇପାରିବା । ଏହା ବ୍ୟତୀତ ଆମେ କେତେବେଳେ ଗଛ ପାଣି ଆବଶ୍ୟକ କରୁଛି ତାହା ମଧ୍ୟ ଲକ୍ଷ୍ୟ କରିପାରିବା । ସୁତରାଂ ଜଳସେଚନ ପାଇଁ ଆମେ ବୁନ୍ଦା ଜଳସେଚନ ପ୍ରଣାଳୀ ଆପଣେଇପାରିବା । ଯାହା ଦ୍ୱାରା ପାଣି କମ ଖର୍ଚ୍ଚ ହେବା ସହ ଗଛର ଚେର ଠିକ ଭାବେ ପାଣି ପାଇପାରିଥାଏ ।

କିପରି ଯତ୍ନ ନେବେ-

-ବାଲୁଙ୍ଗା ତଥା ଗଛ ଭିତରେ ଅଦରକାରୀ ଗୁଳ୍ମ ଦେଖିଲେ ଏହାକୁ ଉପାଡ଼ିଦେବା ଉଚିତ୍ ।

-ଡ୍ରେନେଜ ସ୍ଥାନକୁ ପରିଷ୍କାର ପରିଚ୍ଛନ ରଖିବା ଆବଶ୍ୟକ ।

- ଜୈବିକ ଖତକୁ ବ୍ୟବହାର କରିବା ।

-ଠିକ୍ ସମୟରେ ପାଣି ଦେବା ଆବଶ୍ୟକ ।

-ରୋଗ ପୋକ ପରିଚାଳନା ସଠିକ ସମୟରେ କରାଯିବା ଦରକାର ।

-ସ୍ଥାନ ଚୟନ ଠୁ ଆରମ୍ଭ କରି ଅମଳ ଯାଏଁ ଏକ ଉପଯୁକ୍ତ ତାଲିକା ବା ଖସଡ଼ା ପ୍ରସ୍ତୁତ କରି ତଦାରଖ କରିବା ଆବଶ୍ୟକ ।

ଗାଁ ଚାଷ ଜମି ଭାରି ସୁନ୍ଦର , ଜୈବିକ କୃଷିର ଭାରି ଆଦର

ଆଲେଖ୍ୟ - ଡ଼ି ଶୁଭମ୍

ଚାଷ - ଏକ ବ୍ୟବସାୟ ନୁହେଁ ବରଂ ଏକ ସ୍ୱର୍ଗୀୟ ଅନୁଭବ । ଆଉ ପୁଣି ଧରିତ୍ରୀମାତା ସହ ଏକ ମାର୍ମିକ ସମ୍ପର୍କ । ରାତି ପାହିଲେ ହାତରେ ଲଙ୍ଗଳ , କାନ୍ଧରେ ଗାମୁଛା ଆଉ ପଖାଳ ମୁଠେ ଖାଇଦେଇ ଆରମ୍ଭ ହୋଇଯାଏ ଚାଷର ପର୍ବ । ସତରେ ଏକ ମହାର୍ଘ୍ୟ ଅନୁଭୂତିର ଅବଲୋକନ । ପାରମ୍ପରିକ କୃଷିକୁ ଛାଡ଼ି ଏବର ସମାଜରେ ଆଧୁନିକତାର ସ୍ପର୍ଶ ଗାଁ କ୍ଷେତରେ ବି ଦେଖାଗଲାଣି । ରାସାୟନିକ ସାରର ବହୁଳ ବ୍ୟବହାର ଏବେ ସବୁଆଡ଼େ ଆମ ଦୃଷ୍ଟିକୋଣରେ ପରିଲକ୍ଷିତ । କିନ୍ତୁ ଆମ ଅଜାଣତରେ ଆମେ ନିଜେ ନିଜର ଶରୀରର କେତେ ଯେ କ୍ଷତି କରୁଛନ୍ତି , ସେକଥା ଜାଣି ନାହାନ୍ତି । ତେଣୁ ଏହି ଆଧୁନିକତାକୁ ଦ୍ୱାହି ଦେଇ ଏବେ ଜୈବିକ କୃଷିର ବ୍ୟବହାରକୁ ପ୍ରାଥମିକତା ଦିଆଯାଉଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ବି ପରମ୍ପରାଗତ କୃଷି ବିକାଶ ଯୋଜନା ଦ୍ୱାରା ଜୈବିକ କୃଷିକୁ ଲୋକପ୍ରିୟ କରାଯାଇପାରୁଛି । ୨୦୨୨ ସୁଦ୍ଧା ଚାଷୀର ଆୟକୁ ଦୁଇଗୁଣ କରିବାର ଲକ୍ଷ୍ୟ ଜୈବିକ କୃଷି ଦ୍ୱାରା ପୂରଣ କରାଯାଇପାରିବ । କମ ଖର୍ଚ୍ଚ , ସ୍ୱଳ୍ପ ସମୟ ଓ ଅଧିକ ଆୟର ମାଧ୍ୟମ ଏହି ଜୈବିକ କୃଷି ।

ଆସନ୍ତୁ ନଜର ପକେଇବା କେତୋଟି ପ୍ରମୁଖ ଜୈବିକ କୃଷିର ଉପାଦାନ ଉପରେ

ପଂଚଗବ୍ୟ-

ଆବଶ୍ୟକ ସାମଗ୍ରୀ- ଗୋବର, ଗୋମୂତ୍ର, ଦୁଗ୍ଧ, ଦଧି, ଘିଅ, ଗୁଡ଼, ପଚିଲା କଦଳୀ, ନଡ଼ିଆପାଣି ଏବଂ ପାଣି ।

ପ୍ରଣାଳୀ :

୭ କି.ଗ୍ରା ଗୋବରରେ ୧ କି.ଗ୍ରା ଗାଈ ଘିଅକୁ ସକାଳ କିମ୍ବା ସନ୍ଧ୍ୟା ସମୟରେ ଭଲଭାବେ ମିଶାଯାଇ ତାହାକୁ ୩ ଦିନ ପର୍ଯ୍ୟନ୍ତ ରଖାଯାଏ । ରଖିବା ପାଇଁ ମାଟିପାତ୍ର କିମ୍ବା ଟିଣ ପାତ୍ର କିମ୍ବା ପ୍ଲାଷ୍ଟିକ ପାତ୍ର ମଧ୍ୟ ବ୍ୟବହାର କରାଯାଇ ପାରିବ । ୩ ଦିନ ପରେ ସେଥିରେ ୧୦ ଲିଟର ଗୋମୂତ୍ର ଓ ୧୦ ଲିଟର ପାଣି ମିଶାଇ ୧୫ ଦିନ ପର୍ଯ୍ୟନ୍ତ ରଖାଯାଇଥାଏ । ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ଏହାକୁ ଭଲଭାବରେ ଘାଣ୍ଟି ଦିଆଯାଏ । ୧୫ ଦିନ ପରେ ଏଥିରେ ଗୋ-ଦୁଗ୍ଧ ୩ ଲିଟର, ଦଧି ୩ ଲିଟର, ନଡ଼ିଆ ପାଣି ୩ ଲିଟର ଓ ଗୁଡ଼ ୩ କେ.ଜି. ଏବଂ ପଚିଲା କଦଳୀ ୧୨ଟି ଭଲଭାବରେ ମିଶାଯାଇ ୩୦ ଦିନ ପର୍ଯ୍ୟନ୍ତ ରଖାଯାଏ । ୩୦ ଦିନ ପର୍ଯ୍ୟନ୍ତ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଏହାକୁ ଭଲ ଭାବରେ ଘାଣ୍ଟି ଦିଆଯାଇଥାଏ । ପଞ୍ଚଗବ୍ୟ ପ୍ରସ୍ତୁତି ପାଇଁ କେବଳ ଗୋଜାତ ଦ୍ରବ୍ୟ ହିଁ ବ୍ୟବହୃତ ହୋଇଥାଏ। ଜର୍ସିଗାଈ ଅପେକ୍ଷା ଦେଶୀଗାଈର ଜାତ ପଦାର୍ଥ ବ୍ୟବହାର କରାଗଲେ ଅଧିକ ସୁଫଳ ମିଳିଥାଏ ।

ପ୍ରୟୋଗ ବିଧି :

ପଞ୍ଚଗବ୍ୟକୁ ଆମେ ସବୁ ଚାଷ ପାଇଁ ବ୍ୟବହାର କରିପାରିବା । ପ୍ରତ୍ୟେକ ଶସ୍ୟ ପାଇଁ ପ୍ରାୟ ୩% ଦ୍ରବଣ ହିସାବରେ ବ୍ୟବହାର କରାଯାଏ । ପ୍ରତି ୧୦୦ ଲିଟର ପାଣିରେ ୩ ଲିଟର ପଞ୍ଚଗବ୍ୟ ମିଶାଇଲେ ଆମେ ୩% ପଞ୍ଚଗବ୍ୟ ଦ୍ରବଣ ପାଇ ପାରିବା । ୧୦ ଲିଟର କ୍ଷମତା ବିଶିଷ୍ଟ ସିଂଚନ ଟାଙ୍କିରେ ୩୦୦ ମି.ଲି. ହିସାବରେ ମିଶାଇ ପ୍ରୟୋଗ କରାଯାଇଥାଏ । ପ୍ରତି ଏକର ଜମିରେ ୨୦୦ ଲିଟରରୁ ୨୫୦ ଲିଟର ୩% ପଞ୍ଚଗବ୍ୟ ଦ୍ରବଣ ସିଂଚନ କରାଯାଇଥାଏ । ପ୍ରତି ଶସ୍ୟରେ ଆମେ ୨୦-୨୫ ଦିନ ବ୍ୟବଧାନରେ ଆମେ ପଞ୍ଚଗବ୍ୟ ଦ୍ରବଣ ପ୍ରୟୋଗ କରିପାରିବା । ସିଞ୍ଚନ ଯନ୍ତ୍ରରେ କିଛି ଅସୁବିଧା ସମ୍ମୁଖୀନ ନ ହେବାକୁ ପଞ୍ଚଗବ୍ୟକୁ ପ୍ରଥମେ ସୂତାକପଡ଼ାରେ ଛାଣି ଦିଆଯାଏ ଓ ଖଦଡ଼ା ପଦାର୍ଥକୁ ସିଧାସଳଖ ଭାବେ ଜମିରେ ଖତଭାବେ ବ୍ୟବହାର କରାଯାଏ । ୩% ପଞ୍ଚଗବ୍ୟ ଦ୍ରବଣରେ ମଧ୍ୟ ବିହନ ବିଶୋଧନ କରାଯାଇ ପାରିବ । ବିହନ ବୁଣିବା ପୂର୍ବରୁ ବିହନକୁ ୩୦ ମିନିଟ ପର୍ଯ୍ୟନ୍ତ ୩% ପଞ୍ଚଗବ୍ୟ ଦ୍ରବଣରେ ଭିଜାଇ ରଖିଲେ ବହୁତ ସୁଫଳ ମିଳିଥାଏ ।

ଆଜୋଲା : ଆଜୋଲା ଏହିଭଳି ଏକ ଜଳଜାତୀୟ ଫର୍ଣ୍ଣ । ଏହା ମୁଖ୍ୟତଃ ଧାନ ଫସଲରେ ବ୍ୟବହୃତ ହୁଏ । ଆଜୋଲ, ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଆନବେନା ସହ ମିଶି ଏକ ପ୍ରମୁଖ ଜୈବିକ ସାରର ଭୂମିକା ନିଭାଇଥାଏ । ଆଜୋଲା ଧାନ ଚାରାର ଧାଡ଼ି ଧାଡ଼ିରେ ମଧ୍ୟ ବଢ଼ାଯାଇପାରେ ଏବଂ ଏହାପରେ ଏହାକୁ ନେଇ ପ୍ରୟୋଗ କରାଯାଏ । ବାୟୋମାସ୍ ଉତ୍ପାଦନ ପାଇଁ ଏହାକୁ ବ୍ୟବହାର କରାଯାଇଥାଏ । ଦ୍ରୁତ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଭାବେ ମଧ୍ୟ ଆଜୋଲା ପିନଟା ବ୍ୟବହୃତ ହୁଏ । ଏତଦ୍‌ଭିନ୍ନ ଆଜୋସ୍ପିରିଲମ୍ ମଧ୍ୟ ବ୍ୟବହାର କରାଯାଏ । ଏହି ସବୁ ବର୍ତ୍ତମାନ ସମୟରେ ଏକ ଯୁଗାନ୍ତକାରୀ ପଦକ୍ଷେପ । କୃଷି କ୍ଷେତ୍ରରେ ଏହାର ଉପଯୋଗ ଉତ୍ପାଦନରେ ଶତଗୁଣ ବୃଦ୍ଧି କରିବା ସହ ହାନିକାରକ ହୋଇ ନଥାଏ ।

ଏହା ଏକପ୍ରକାର ଦଳ । ଏହାର ପତ୍ରଗୋଲରେ ନୀଳହରିତ ଶୈବାଳ ବାସ କରି ଯବକ୍ଷାରଜାନ ନିବନ୍ଧିତ କରେ । ଏହି ଦଳ ଖୁବ୍‌ଶୀଘ୍ର ବଂଶବିସ୍ତାର କରି ବଢିପାରେ । ଧାନ ରୋଇବା ପୂର୍ବରୁ ବା ବେଉଷଣ କରିବାର ୨/୩ ସପ୍ତାହ ଆଗରୁ ଜମିରେ

ମୋ ଓଡ଼ିଶା

ରାଷ୍ଟ୍ରପତିଙ୍କ ପାଇଁ ଆଦିବାସୀ ବସ୍ତିରେ ଖୁସିର ଲହରୀ

କେନ୍ଦ୍ରାପଡ଼ା (ପିଏନ୍): ଭାରତର ପଞ୍ଚଦଶତମ ରାଷ୍ଟ୍ରପତି ଭାବେ ଗତ ସୋମବାର ଶପଥ ଗ୍ରହଣ କରିଛନ୍ତି ଓଡିଶାର ଆଦିବାସୀ ସଂପ୍ରଦାୟର ପ୍ରଥମ ମହିଳା ଦ୍ରୌପଦୀ ମୁର୍ମୁ। ଜଣେ ଆଦିବାସୀ ସଂପ୍ରଦାୟର ମହିଳା ଦେଶର ମହାମାନ୍ୟ ପଦବୀରେ ଅଧିଷ୍ଠିତ ହୋଇଥିବାରୁ ସୋମବାର ସନ୍ଧ୍ୟାରେ କେନ୍ଦ୍ରାପଡା ପୌରାଞ୍ଚଳର କଜଳାସ୍ଥିତ ଆଦିବାସୀ ବସ୍ତିର ମହିଳା ଓ ପୁରୁଷମାନେ ଗୀତ ବୋଲି ନାଚ କରି ଖୁସି ମନାଇଥିବା ଦେଖିବାକୁ ମିଳିଛି। ବିଜେଡି ଯୁବନେତା ଶକ୍ତିକାନ୍ତ ପାତ୍ରଙ୍କ ଉଦ୍ୟମକ୍ରମେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଜଳା ମୁଣ୍ଡାବସ୍ତିର ବାସିନ୍ଦା ତଥା ପୂର୍ବତନ କାଉନସିଲର ବାହାଲି ଟୁଡୁ, କାଳିଆ ଟୁଡୁ, କାଳିଆ ହେମ୍ରମ, ବିଜେଡି ନେତା ଦୀପକ କୁମାର ପୃଷ୍ଟି ଓ ବିଜେପି ନେତା ଅଶୋକ କୁମାର ମଳିକ ପ୍ରମୁଖ ଯୋଗଦେଇ ନାଚଗୀତରେ ଅଂଶଗ୍ରହଣ କରିଥିଲେ।

ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ କେନ୍ଦ୍ରୀୟ ବିଦ୍ୟାଳୟ ନଂ ୬ର ଅଭୁତପୂର୍ବ ସଫଳତା

ଭୁବନେଶ୍ୱର (ପିଏନ୍): କେନ୍ଦ୍ରୀୟ ଶିକ୍ଷାବୋର୍ଡ ଦ୍ୱାରା ପ୍ରକାଶିତ ଦ୍ୱାଦଶ ଶ୍ରେଣୀ ଓ ଦଶମ ଶ୍ରେଣୀ ପରୀକ୍ଷାରେ ୧୦୦ ପ୍ରତିଶତ ମାର୍କ ହାସଲ କରିଛନ୍ତି ପୋଖରୀପୁଟ୍ କେନ୍ଦ୍ରୀୟ ବିଦ୍ୟାଳୟ ନଂ ୬ର ଛାତ୍ରଛାତ୍ରୀ। ଦଶମ ଶ୍ରେଣୀରେ ୫୯ଜଣ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସବୁ ପିଲା ପାସ୍ ହୋଇଥିବା ବେଳେ ଆୟିଶା ପଟ୍ଟନାୟକ ଓ ପିଉସ୍ ପାତ୍ର ଶତକଡ଼ା ୯୮.୮ମାର୍କ ରଖି ବିଦ୍ୟାଳୟର ସୁନାମ ରଖିଛନ୍ତି। ସେହିପରି ଦ୍ୱାଦଶରେ ଅଲୋକ ସାହୁ ଶତକଡ଼ା ୯୪ ମାର୍କ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣି ଦେଇଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ହାବୁଲ ଚନ୍ଦ୍ର ମୁର୍ମୁ ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ କୃତୀ ଛାତ୍ରଛାତ୍ରୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି।

ଜନ ବିସ୍ଫୋରଣର ଭୟଙ୍କର ଚିତ୍ର !

ଭୁବନେଶ୍ୱର (ପିଏନ୍): ଆଗକୁ ଡ୍ରାଗନ୍ ପରି ଗୋଟିଏ ସ୍ଥାନରୁ ଅନ୍ୟତ୍ର ସ୍ଥାନକୁ ଉଡ଼ି ଉଡ଼ି ଯିବ ମଣିଷ! ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଅବସରରେ ଏଭଳି ପରିକଳ୍ପନା କରିଛନ୍ତି ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳରେ ରହୁଥିବା ୮ ବର୍ଷ ବୟସର ବାଳକ ଶାନ୍ତନୁ ଶାନ୍ତିସ୍ୱରୂପ। ରଙ୍ଗ, ତୂଳୀରେ ସେ ଆଙ୍କିଛନ୍ତି ଜନ ବିସ୍ଫୋରଣର ଭୟଙ୍କର ଚିତ୍ର। ଜୁଲାଇ ମାସ ୧୧ ତାରିଖ। ବିଶ୍ୱ ପାଳିଛି ଜନସଂଖ୍ୟା ଦିବସ। ଶାନ୍ତନୁ ଚିତ୍ର ମାଧ୍ୟମରେ ଏହି ପରିପ୍ରେକ୍ଷୀରେ ସାରା ବିଶ୍ୱକୁ ସଚେତନତାର ବାର୍ତ୍ତା ଦେବା ସହ ଜନ ବିସ୍ଫୋରଣର ଭୟାବହତା ସମ୍ପର୍କରେ ସତର୍କ କରାଇଛନ୍ତି। ଶାନ୍ତନୁ ଚିତ୍ରରେ ଦର୍ଶାଇଛନ୍ତି ଆଗକୁ ବିଶ୍ୱ ସାମ୍ନା କରିବ ଭୟଙ୍କର ପରିସ୍ଥିତି। ଚାରିଆଡ଼େ ଦେଖାଯିବ ହାହାକାର। ଦିନକୁ ଦିନ ହୁ ହୁ ହୋଇ ଜନସଂଖ୍ୟା ବଢିଚାଲିଛି। ରାତି ପାହିଲେ ଯୁଆଡ଼େ ଅନେଇବ ଘର, ଦୁଆର, କଳକାରଖାନା, ରାସ୍ତାଘାଟ ଇତ୍ୟାଦି ସବୁ ମାଡ଼ିଚାଲିଛି। ଯଦ୍ୱାରା ସ୍ଥଳଭାଗ ଧୀରେ ଧୀରେ ସଙ୍କୁଚିତ ହେବାରେ ଲାଗିଛି। ଅନ୍ୟପଟେ ଯଦି ଏଭଳି ହାରରେ ଜନସଂଖ୍ୟା ବଢିଚାଲେ ତେବେ ଆଗକୁ ମଣିଷ ଭୂଇଁରେ ପାଦ ରଖିବାକୁ ସ୍ଥାନ ପାଇବ ନାହିଁ। ନା ସେ ରାସ୍ତାରେ ଚାଲିପାରିବ ନା କୌଣସି ଯାନବାହନ ଇତ୍ୟାଦି ଚାଲିପାରିବ। ସବୁ ହୋଇଯିବ ଠପ୍। ଶେଷରେ ଡ୍ରାଗନ୍ ପରି ହେଉ ଅବା ପକ୍ଷୀଟିଏ ପରି ହେଉ ମଣିଷ ନିଜ ଶରୀରରେ ଯନ୍ତ୍ରଚାଳିତ ଡ଼େଣା ଖଞ୍ଜି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଆକାଶରେ ଉଡ଼ି ଉଡ଼ି ଯିବା ପାଇଁ ଚେଷ୍ଟା କରିବ। ସଂପ୍ରତି ଏଭଳି ପରିସ୍ଥିତିକୁ ଏଡ଼ାଇବା ପାଇଁ ହେଲେ ବିଶ୍ୱ ସମୁଦାୟ ଆଉ କାଳବିଳମ୍ବ ନକରି ଏକାଠି ହୋଇ ଚିନ୍ତା କରନ୍ତୁ ଓ ଏହାର ସମାଧାନ ଦିଗରେ ରାସ୍ତା ବାହାର କରନ୍ତୁ। ନଚେତ୍ ନେଡ଼ିଗୁଡ଼ କହୁଣୀକୁ ବୋହିଯିବ। ଶାନ୍ତନୁଙ୍କ ଏଭଳି ନିଆରା ଚିନ୍ତାଧାରା ଓ ବିଚାରକୁ ବିଭିନ୍ନ ମହଲରେ ସ୍ୱାଗତ କରାଯିବା ସହ ବେଶ୍ ପ୍ରଶଂସିତ ହୋଇପାରିଛି। ସୂଚନାଯୋଗ୍ୟ, ଶାନ୍ତନୁ ଏବେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭୀମଟାଙ୍ଗି ସ୍କୁଲ୍‌ରେ ତୃତୀୟ ଶ୍ରେଣୀରେ ପାଠ ପଢୁଥିବାର ଜଣାପଡ଼ିଛି।

ଇନ୍ଧନ ଗ୍ୟାସ ଦରବୃଦ୍ଧି ପ୍ରତିବାଦରେ ବାଲେଶ୍ୱର ଜିଲ୍ଲା ମହିଳା କଂଗ୍ରେସର ବିକ୍ଷୋଭ

ବାଲେଶ୍ୱର (ପିଏନ୍)-ଇନ୍ଧନ ଗ୍ୟାସର ଅହେତୁକ ଦର ବୃଦ୍ଧି ଯୋଗୁଁ ହାଣ୍ଡିଶାଳ ଉପରେ ଏହାର ପ୍ରଭାବ ସୃଷ୍ଟି ହୋଇଛି। ଏହି ଦରବୃଦ୍ଧି ଯୋଗୁଁ ପ୍ରତ୍ୟେକ ଘର ଓ ପରିବାରର ବଜେଟ ଉପରେ ପ୍ରଭାବ ପଡ଼ିଛି। ଦର ବୃଦ୍ଧି ପ୍ରତିବାଦରେ ପ୍ରଦେଶ ମହିଳା କଂଗ୍ରେସ କମିଟିର ସଭାନେତ୍ରୀ ବନ୍ଦିତା ପରିଡ଼ାଙ୍କ ଆହ୍ୱାନକ୍ରମେ ବାଲେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ଦଳ ରାଜରାସ୍ତାକୁ ଓହ୍ଲାଇଥିଲା। ଜିଲ୍ଲା ମହିଳା କଂଗ୍ରେସର ଅଧ୍ୟକ୍ଷା ପ୍ରଜ୍ଞା ପାରମିତା ମହାନ୍ତିଙ୍କ ନେତୃତ୍ୱରେ ଶହ ଶହ ମହିଳା ମିଶନ ଖେଳପଡ଼ିଆ ପରିସରରୁ ଏକ ରାଲିରେ ବାହାରି ମୋଦି ସରକାରଙ୍କ ବିରୋଧରେ ସ୍ଲୋଗାନମାନ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଠବର୍ଷ ତଳେ ଉ.ପା ସରକାର କ୍ଷମତାରେ ଥିବାବେଳେ ଏଲପିଜି ସିଲିଣ୍ଡର ଦର ୪୫୦ ଟଙ୍କା ଥିଲାବେଳେ ଆଜି ଏହାର ମୂଲ୍ୟ ୧୦୮୦ ଟଙ୍କାରେ ପହଞ୍ଚିଲାଣି। ମୋଦି ସରକାର ୮ବର୍ଷ ତଳେ ଉପା ସରକାରଙ୍କୁ ଦରବୃଦ୍ଧି ପ୍ରସଙ୍ଗରେ କଟାକ୍ଷ କରି ଏନଡିଏ ସରକାର କ୍ଷମତାକୁ ଆସିଲେ 'ଅଚ୍ଛେ ଦିନ' ଆସିବ ବୋଲି ପ୍ରତିଶ୍ରୁତି ଦେଇ ଭୋଟ ନେଇଥିଲେ। ପ୍ରତିଦିନ ସବୁ ଜିନିଷର ମୂଲ୍ୟ ବୃଦ୍ଧି କ'ଣ ଜନତାଙ୍କ ପାଇଁ ଅଚ୍ଛା ଦିନ ଆଣିଛି କି ବୋଲି ମହିଳା କଂଗ୍ରେସର ନେତ୍ରୀମାନେ ପ୍ରତିବାଦ ଅବସରରେ ପ୍ରଶ୍ନ କରିଥିଲେ। ମୋଦି ସରକାର ତୁରନ୍ତ ଏଲପିଜି ଦର ହ୍ରାସ କରିବାକୁ ନେତ୍ରୀମାନେ ଦାବି କରିଥିଲେ। ଯଦି ସରକାର ମହିଳା କଂଗ୍ରେସର ଦାବିକୁ ଉପେକ୍ଷା କରନ୍ତି ତେବେ ଆଗାମୀ ଦିନରେ ମହିଳା କଂଗ୍ରେସ ରାଜରାସ୍ତାରେ ଜୋରଦାର ଆନ୍ଦୋଳନ କରିବ ବୋଲି ବକ୍ତାମାନେ ଚେତାବନୀ ଦେଇଥିଲେ। ଏହି ପ୍ରତିବାଦ ସଭାରେ ଦଳର ବରିଷ୍ଠ ନେତ୍ରୀ ତଥା ରାଜ୍ୟ ମହିଳା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କମିଟିର ଉପସଭାପତି ବାସନ୍ତୀ ସାମଲ, ଟାଉନ ମହିଳା କଂଗ୍ରେସର କାର୍ଯ୍ୟକାରୀ ସଭାପତି ଗୌରୀ ଦାସ, ଜାନୁ ମୁଖୀ, ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ସବିଲା ବିବି, ସୁଭଦ୍ରା ପାତ୍ର, ବେବି ବିବି, କବିତା ପାତ୍ର, ଝୁନୁମଣି, ଶ୍ରମିକ ନେତା, ବିକାଶ ଦାସ, ବାପି ଦାସ, ପବିତ୍ର ବାରିକ, ଧରମା ନାୟକ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ଓ ରାଜ୍ୟ ସରକାର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଅଭିଯୋଗ କରିଥିଲେ। ପରେ ପ୍ରତିବାଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କୁଶପୁତଳିକା ଦାହ କରାଯାଇଥିଲା।

ରୋଟାରୀ କ୍ଲବ ପକ୍ଷରୁ ଚାରା ବଣ୍ଟନ

କେନ୍ଦୁଝର (ପିଏନ୍): କେନ୍ଦୁଝର ରୋଟାରୀ କ୍ଲବ ଏବଂ ଇନରହ୍ୱିଲ କ୍ଲବ ପକ୍ଷରୁ ସ୍ଥାନୀୟ କୃଷକ ବଜାର ସମ୍ମୁଖରେ ମାଗଣାରେ ବିଭିନ୍ନ କିସମର ଚାରା ବଣ୍ଟନ କରାଯାଇଛି। ଫଳ ଜାତୀୟ ପିଜୁଳି, ଆମ୍ବ, ଜାମୁ ଚାରା ସମେତ ଅଁଳା, ନିମ୍ବ, ବଉଳ, କଦମ୍ବ, ଅଶୋକ, ମହାନିମ୍ବ, ପାଟୁଳି ଆଦି ଚାରା ବଣ୍ଟ କରାଯାଇଥିଲା। ରୋଟାରୀ କ୍ଲବ ପକ୍ଷରୁ ବନୀକରଣ ଦ୍ୱାରା ଏହାର ଉପାଦେୟତା ଉପରେ ଲୋକମାନଙ୍କୁ ସଚେତନ କରାଯାଇ ଥିଲା। ପ୍ରତ୍ୟେକ ଲୋକ ନିଜ ନିଜ ବାଡିରେ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ପରାମର୍ଶ ଦିଆଯାଇ ଥିଲା। ଏହି ଚାରା ବଣ୍ଟନ କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ସଭାନେତ୍ରୀ ପ୍ରଣତି ମହାପାତ୍ର, ସମ୍ପାଦକ ଇଂ ବିଭୂତିଭୂଷଣ ସାହୁ, ସଦସ୍ୟ ଇଂ ଦେବବ୍ରତ ସ୍ୱାଇଁ, ସଂଜୟ ସାହୁ, ସତ୍ୟଜିତ୍ ନନ୍ଦ, ହରିହର ମହାନ୍ତ, ଇଂ ବସନ୍ତ କୁମାର ଦାନୀ, ବିଜୟ ନାଥ କାପୁର, ସୁରେଶ ଚନ୍ଦ୍ର ଖାଟୋଇ, ମହେଶ ଚାଓ୍ୱଡା, ପ୍ରବୀର ପାଣିଗ୍ରାହୀ, ସଂଜୟ ମହାପାତ୍ର, ନିହାର ରଂଜନ ପାତ୍ର, ବିଜୟ କୁମାର ବେହେରା, ଅମୀୟ ବେହେରା, ମଦନମୋହନ କର, ରାଜେନ୍ଦ୍ର କୁମାର ପଲେଇ, ରାଜଲକ୍ଷ୍ମୀ ସ୍ୱାଇଁ, ଇନରହ୍ୱିଲ କ୍ଲବର ସଭାନେତ୍ରୀ ସରିତା ପାତ୍ର, ରିତା କାପୁର, ସସ୍ମିତା ପ୍ରଧାନ ସମେତ ରୋଟାରୀ କ୍ଲବର ସମସ୍ତ ଡାଇରେକ୍ଟରମାନେ ଉପସ୍ଥିତ ରହି ଚାରା ବଣ୍ଟନ କରିଥିଲେ। ପ୍ରତ୍ୟେକ ସାପ୍ତାହିକ ହାଟ ରବିବାର ଦିନ ରୋଟାରୀ କ୍ଲବ ପକ୍ଷରୁ ମାଗଣାରେ କୃଷକ ବଜାର ନିକଟରେ ଚାରା ବଣ୍ଟନ କରାଯିବ ବୋଲି କୁହାଯାଇଛି।

ଉଦୀୟମାନ ମହିଳା ସଙ୍ଗଠନର ନୂତନ କର୍ମକର୍ତା

ଚଣ୍ଡିଖୋଲ (ପିଏନ)- ଯାଜପୁର ଜିଲ୍ଲାର ଅଗ୍ରଣୀ ଚଣ୍ଡିଖୋଲ ସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦୀୟମାନ ରାଜ୍ୟରେ ଶିକ୍ଷା, ସାହିତ୍ୟ, ସଂସ୍କୃତି, ସମାଜସେବା, ବୃକ୍ଷରୋପଣ, ଅସହାୟମାନଙ୍କୁ ସାହାଯ୍ୟ ସହଯୋଗ କରିବା ସହିତ ସମାଜରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ପ୍ରତିଭୁମାନଙ୍କୁ ସ୍ୱୀକୃତି ଦେଇଥାଏ । ପ୍ରଥମଥର ପାଇଁ ଅନୁଷ୍ଠାନ ତରଫରୁ ମହିଳା ସଙ୍ଗଠନ ସୃଷ୍ଟି କରାଯାଇ ମହିଳାମାନଙ୍କୁ ସମାଜସେବା କ୍ଷେତ୍ରରେ ନିୟୋଜନ କରି ସେମାନଙ୍କୁ ପ୍ରଗତି ପଥରେ ନେବା ସହିତ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାପାଇଁ ପ୍ରୟାସ କରିଛି । ଅନୁଷ୍ଠାନର କାର୍ଯ୍ୟାଳୟଠାରେ ନବନିର୍ବାଚିତ କର୍ମକର୍ତାଙ୍କର ନାମ ଘୋଷଣା କରାଯାଇଛି । ସଭାନେତ୍ରୀ ଭାବେ ଦେବଯାନୀ ପ୍ରଧାନ, ଉପସଭାପତି କନକଲତା ବେହେରା, ସମ୍ପାଦିକା ଅରୁଣା ନନ୍ଦ, ସହସମ୍ପାଦିକା ସରୋଜିନୀ ପଣ୍ଡା, କୋଷାଧ୍ୟକ୍ଷା କନକଲତା ସାମଲ, ସାଙ୍ଗଠନିକ ସମ୍ପାଦିକା ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ସହ ସାଙ୍ଗଠନିକ ସମ୍ପାଦିକା ହେମାମାଳିନୀ ସିଂହ, ସଭ୍ୟା ଭାବେ ମନୋନିତ ହୋଇଥିଲେ। ଏହି ମନୋନୟନ ପ୍ରକ୍ରିୟାକୁ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ବଡଚଣା ପଂଚାୟତ ସମିତି ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ପ୍ରସନ୍ନ କୁମାର ଜେନା, ଅନନ୍ତ ପ୍ରସାଦ ମାହାଲା, ହିମାଂଶୁ ଶେଖର ପଣ୍ଡା, ଡଃ ଦିଲ୍ଲୀପ କୁମାର ନାୟକ, ଦିଗମ୍ବର ମହାପାତ୍ର, ହେମନ୍ତ କୁମାର ମାହାଲା, କାହ୍ନୁ ଚରଣ ସାହୁ, ପ୍ରକାଶ କୁମାର ନାୟକ, ଶଙ୍କର୍ଷଣ ପରିଡା ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ନବ-ନିର୍ବାଚିତ କର୍ମକର୍ତାମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

ବଳଦେବ ଉଚ୍ଚ ବିଦ୍ୟାଳୟ: ୧୦ଟି ଶ୍ରେଣୀ ପାଇଁ ୮ ଶିକ୍ଷକ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ସହରରେ ଥିବା ବଳଦେବ ଉଚ୍ଚ ବିଦ୍ୟାଳୟ ୧୯୫୬ ମସିହାରେ ପ୍ରତିଷ୍ଠା କରାଯାଇଥିବା ବେଳେ ଏବେ ଶିକ୍ଷକ ସମସ୍ୟା ଶିକ୍ଷାଦାନ କ୍ଷେତ୍ରରେ ଘୋର ଅନ୍ତରାୟ ସୃଷ୍ଟି କରିଛି। ଏହି ବିଦ୍ୟାଳୟରୁ ବହୁ ପିଲା ପାଠ ପଢି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। କିନ୍ତୁ ଏବେ ସରକାରଙ୍କ ବୈମାତୃକ ମନୋଭାବ ବିଦ୍ୟାଳୟର ଶିକ୍ଷାଦାନ କ୍ଷେତ୍ରରେ ବ୍ୟାଘାତ ସୃଷ୍ଟି କରୁଛି। ଏହି ବିଦ୍ୟାଳୟରେ ଏବେ ୪୪୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ପ୍ରାଥମିକ ବିଦ୍ୟାଳୟ(ପ୍ରଥମରୁ ପଞ୍ଚମ ଶ୍ରେଣୀ) ପାଇଁ ଅଛନ୍ତି ମାତ୍ର ୨ ଜଣ ଶିକ୍ଷକ। ତେଣୁ ଗୋଟିଏ ଶ୍ରେଣୀରେ ପ୍ରଥମରୁ ତୃତୀୟ ଶ୍ରେଣୀ ପିଲା ବସି ପାଠ ପଢନ୍ତି। ଆଉ ଏକ ଶ୍ରେଣୀରେ ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀ ମିଶିକି ପାଠ ପଢନ୍ତି। ଗୋଟିଏ କକ୍ଷରେ ଦୁଇଟି ଶ୍ରେଣୀର ପିଲା ପାଠ ପଢିଲେ ଶିକ୍ଷକ କାହାକୁ ପାଠ ପଢାଇବେ ଓ ଶିକ୍ଷକଙ୍କ ଠାରୁ କିଏ ଶୁଣିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ଏକ ବିଦ୍ୟାଳୟ ନୁହେଁ ଗ୍ରୁପ ଟ୍ୟୁସନର ଭ୍ରମ ସୃଷ୍ଟି କରୁଛି ବୋଲି ଜଣେ ପୂର୍ବତନ ଛାତ୍ର କହିଛନ୍ତି। ଠିକ ସହିପରି ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ପାଇଁ କୌଣସି ଶିକ୍ଷକ ନାହାଁନ୍ତି। ତେଣୁ ଏହି ଶ୍ରେଣୀ ଗୁଡିକର ଛାତ୍ରଛାତ୍ରୀମାନଙ୍କୁ କିଏ ପାଠ ପଢାଇବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନବମ ଓ ଦଶମ ଶ୍ରେଣୀ ପାଇଁ ବିଭିନ୍ନ ବିଷୟ ପାଠ ପଢାଇବା ପାଇଁ ମାତ୍ର ୬ ଜଣ ଶିକ୍ଷକ ଅଛନ୍ତି। ହେଲେ ଏହି ୬ ଜଣ ଶିକ୍ଷକ ପର୍ଯ୍ୟାପ୍ତ ନୁହଁନ୍ତି। ନବମ ଓ ଦଶମ ପାଇଁ ପୃଥକ ସେକ୍ସନ ବ୍ୟବସ୍ଥା ଥିଲେ ମଧ୍ୟ ସେପରି ପାଠ ପଢାଇବା ସମ୍ଭବ ହେଉନାହିଁ। ତେଣୁ ବାଧ୍ୟହୋଇ ଗୋଟିଏ ଶ୍ରେଣୀରେ ପିଲାଙ୍କୁ ପାଠ ପଢାଯାଉଛି। ଏପରିକି ସବୁଠାରୁ ଅଧିକ ପିଲା ପଢୁଥିବା ସଂସ୍କୃତ ବିଷୟ ପଢାଇବାକୁ କେହି ଶିକ୍ଷକ ନାହାଁନ୍ତି। ଏଠାରେ ଥିବା ସଂସ୍କୃତ ଶିକ୍ଷକ ଗତ ମାର୍ଚ୍ଚରେ ଚାକିରିରୁ ଅବସର ନେଇଛନ୍ତି। ତାଙ୍କ ସ୍ଥାନରେ ଆଉ କାହାକୁ ନିଯୁକ୍ତି ଦିଆଯାଇ ନାହିଁ। ଯାହା ଫଳରେ ପିଲାମାନେ ସଂସ୍କୃତ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏହା ଜାଣିବା ପରେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ହରେକୃଷ୍ଣ ପତି ବିଦ୍ୟାଳୟକୁ ଆସି ବିନା ପାରିଶ୍ରମିକରେ ଶିକ୍ଷାଦାନ କରୁଛନ୍ତି। ସହରର ଏକ ନାମକରା ବିଦ୍ୟାଳୟରେ ଯଦି ଏଭଳି ଅବସ୍ଥା ସୃଷ୍ଟି ହୋଇଛି ତେବେ ମହାକାଳପଡ଼ା, ରାଜନଗର ଭଳି ତଳିଆ ଅଞ୍ଚଳରେ ଶିକ୍ଷାଦାନର କିପରି ବିକଳ ଚିତ୍ର ଥିବ ତାହା ସହଜରେ ଅନୁମାନ କରି ହେଉଛି ବୋଲି କେତେକ ପୂର୍ବତନ ଛାତ୍ର କହିଛନ୍ତି। ଏ ସଂକ୍ରାନ୍ତରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପଚାରିବାରୁ ସେ କୌଣସି ତଥ୍ୟ ଓ ମତ ଦେବାକୁ ମନା କରିଦେଲେ। ଏ ସଂକ୍ରାନ୍ତରେ ଜିଲା ଶିକ୍ଷା ବିଭାଗକୁ ପଚାରିବାରୁ ଶିକ୍ଷକ ଅଭାବ ସମ୍ପର୍କରେ ତାଙ୍କ ପାଖରେ ତଥ୍ୟ ରହିଥିଲେବି କେତେକ ଶିକ୍ଷକଙ୍କ ଅବସର ଏବଂ ଆଉ କେତେକ ଶିକ୍ଷକଙ୍କର ପଦୋନ୍ନତି ହେବା ଫଳରେ ସେମାନେ ଏହି ବିଦ୍ୟାଳୟ ଛାଡିଦେଲେ। ଯାହାଦ୍ୱାରା ଶିକ୍ଷକ ଅଭାବ ସୃଷ୍ଟି ହେଲା। ଏ ନେଇ ଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କୁ ଜଣାଇଦିଆଯାଇଛି। ଖୁବଶୀଘ୍ର ସରକାର ଏହା ଉପରେ ପଦକ୍ଷେପ ନେବେ ବୋଲି ଜିଲ୍ଲା ଶିକ୍ଷା ବିଭାଗରୁ ସୂଚନା ମିଳିଛି।

ବନ୍ଧ ରାସ୍ତା ବେହାଲ, ଜନଜୀବନ ଅସ୍ତବ୍ୟସ୍ତ

ଧର୍ମଶାଳା (ପିଏନ୍): ବନ୍ଧ ବାଡ ପାଇଁ ରାଜ୍ୟ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଯାଜପୁର ଜିଲା ଗୋଳେଇପୁର ପଞ୍ଚାୟତ ସାନବିରୁଆଁ ଦେଇ ଯାଇଥିବା ବନ୍ଧ ରାସ୍ତାଟି ଏବେ ମରଣଯନ୍ତାରେ ପରିଣତ ହୋଇଛି। ଏହି ବାଟ ଦେଇ ଯାଉଥିବା ସାଧାରଣ ଲୋକ ବହୁ ଅସୁବିଧାର ସମୁଖୀନ ହେଉଥିବା ଜଣାଯାଇଛି। ଖବର ନେବାରେ ଜଣାପଡିଛି ଯେ ଯୋକଡିଆ ବ୍ୟାରେଜ୍ ଠାରୁ ୧୬ ନଂ ଜାତୀୟରାଜପଥରେ ରାସ୍ତାଟି ସଂଲଗ୍ନ ହୋଇଛି। ଏହି ବନ୍ଧ ରାସ୍ତାରେ ପ୍ରାୟ ୫ଟି ପଞ୍ଚାୟତର ଯଥା ଲକ୍ଷ୍ମୀନଗର,ପହଙ୍ଗା,ତଣ୍ଡରା.ଗୋଳେଇପୁର ଓ ବଡବିରୁଆଁର ପ୍ରାୟ ୨୦ ହଜାରରୁ ଉର୍ଦ୍ଧ ଲୋକମାନେ ଯାତାୟାତ କରିଥାନ୍ତି। ପହଙ୍ଗା, ରାତରାପୁର, ତଣ୍ଡରା, ବନମାଳୀପୁର, ବରେଇ, ଆମ୍ବତୋଳା ଗ୍ରାମର ଥିବା ବିଭିନ୍ନ ବ୍ୟବସାୟରେ ଲିପ୍ତ ବେପାରୀ ଓ ସାଧାରଣ ଲୋକମାନେ ଏହାରି ଉପରେ ନିର୍ଭର କରିଥାନ୍ତି। ଏହି ବନ୍ଧ ରାସ୍ତାଟି ଜଳସେଚନ ବିଭାଗର ଅଣଦେଖା ଯୋଗୁଁ ମରଣଯନ୍ତା ପାଲଟିଛି। ରାସ୍ତାର କିଛି କିଛି ସ୍ଥାନରେ ପିଚୁ ଉଠିଯାଇଥିବା ବେଳେ ଆଉ କିଛି ରାସ୍ତାରେ ମେଟାଲିଙ୍ଗ୍ କରି ଠିକାଦାର ବସିଯାଇଛି। ଆଉ ପ୍ରାୟ ୧.୫କିମି ସମ୍ପୂର୍ଣ୍ଣ ମୋହରମ ରହିଛି। ଯାହା ଦ୍ୱାରା ଛୋଟ ବଡ ଗାଡି ଏହି ରାସ୍ତାରେ ଯିବା ଦ୍ୱାରା ବର୍ଷାପାଣି ଖାଇ ବଡ ବଡ ଖାଲ ଖମାର ରେ ଭର୍ତ୍ତିହୋଇ ଯାଇଛି। ମୋଟର ସାଇକେଲ,ସାଇକେଲ ଏବଂ ବାଟୋଇ ମାନେ ଏହି ରାସ୍ତାରେ ଗଲାବେଳେ ବଭିନ୍ନ ଦୁର୍ଘଟଣାମାନ ଘଟୁଛି। ଦୀର୍ଘ ଦିନଧରି ଏହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡିଥିଲାବେଳେ କାହାରି ନଜରରେ ଆସୁନ

ମୋ ସହର

ଓଡିଆ ଭାଷା ସାହିତ୍ୟ ବିଭାଗର ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଦର୍ପଣୀ,(ପିଏନ): ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଓଡିଆ ଭାଷା ସାହିତ୍ୟ ବିଭାଗର ତୃତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ବିଦାୟୀକାଳୀନ ସମ୍ବର୍ଦ୍ଧନା ଉତ୍ସବ ନବମାଳତି ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପିକା ସୁକେଶିନୀ ସାମଲ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ କଲେଜର ଅଧ୍ୟକ୍ଷ ଡଃ ମନୋଜ କୁମାର ଦାଶ ଯୋଗଦେଇ ବିଦାୟୀ ଛାତ୍ରଛାତ୍ରୀମାନେ କର୍ତବ୍ୟ ନିଷ୍ଠ ସହ ଚରିତ୍ରବାନ ହେବା, ନିଷ୍ଠା ଓ ଏକାଗ୍ରତା ସହିତ କାର୍ଯ୍ୟକରି ଜୀବନକୁ ସରସ ସୁନ୍ଦର କରି ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ । ଦ୍ୱିତୀୟ ଓ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନେ ବଡ ଭାଇଭଉଣୀମାନଙ୍କର ପଦାଙ୍କ ଅନୁସରଣ କରି କଲେଜକୁ ଏକ ଆଦର୍ଶ କଲେଜକେ ପରିଣତ କରିବା ସହ ସେମାନଙ୍କ ନିତୀ, ଆଦର୍ଶ ଓ ଶୃଙ୍ଖଳାରେ ଅନୁପ୍ରାଣିତ ହେବାପାଇଁ ଶପଥ ନେଇଥିଲେ । ପରେ ବିଭାଗର ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ରାଉତରାୟ, ଅଧ୍ୟାପକ ବିଜୟ କେତନ ସାମଲ, ବିରଂଚି କୁମାର ନାୟକ, ଅଧ୍ୟାପିକା ଡଲିନ୍‌ବାଳା ସାମଲ ପ୍ରମୁଖ ବିଦାୟୀ ଛାତ୍ରଛାତ୍ରୀମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିବା ସହ ଛାତ୍ରଛାତ୍ରୀମାନେ ନିଜର ଅଧ୍ୟବସୟ, କର୍ତବ୍ୟନିଷ୍ଠା, ସମୟାନୁବର୍ତିତା ସହ କାର୍ଯ୍ୟକରି ଦେଶ, ଜାତି, ଭାଷା ସାହିତ୍ୟ ସଂସ୍କୃତିର ଉନ୍ନତି କରିବା ପାଇଁ ଆହ୍ୱାନ ଦେଇଥିଲେ । ଶେଷରେ ଅଧ୍ୟାପକ ବିରଂଚି କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ବିଦାୟୀ ଛାତ୍ରଛାତ୍ରୀଙ୍କୁ ବର୍ତମାନର ଛାତ୍ରଛାତ୍ରୀ ବିଦାୟୀକାଳୀନ ସମ୍ବର୍ଦ୍ଧନା ଦେବା ସମୟରେ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା ।

ମାଓବାଦୀଙ୍କ ଶହୀଦ ସପ୍ତାହ ପାଳନର ଦ୍ୱିତୀୟ ଦିନ

ଜୟପୁର, (ପି.ଏନ): ମାଓବାଦୀଙ୍କ ପକ୍ଷରୁ ପାଳନ କରାଯାଉଥିବା ସହିଦ ସପ୍ତାହର ଦ୍ୱିତିୟ ଦିନରେ ଜୟପୁର-ମାଲକାନଗିରି ବସ୍ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଜୟପୁର ଜୋନର ପାଖା ପାଖି ୧୨ଟି ରୁଟରେ ଓ ବିଜୟନଗରମ ଜୋନରୁ ୩ଟି ରୁଟରେ ବସ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି । ଅବିଭକ୍ତ କୋରାପୁଟ ଜିଲାରେ ୩୪ ରୁ ଅଧିକ ସରକାରୀ ବସ୍ ଚଳାଚଳକୁ ସୁରକ୍ଷା ଦୃଷ୍ଟିରୁ ବନ୍ଦ କରାଯାଇଛି । ୨୭ ତାରିଖ ରାତ୍ରରୁ ସରକାରୀ ବସ୍ ଚଳାଚଳ ପ୍ରଭାବିତ ହୋଇଛି । ଯାହାଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି ।୨୮ ତାରିଖ ଠାରୁ ମାଓବାଦୀଙ୍କ ଶହୀଦ ସପ୍ତାହ ଆରମ୍ଭ ହୋଇଥିବାରୁ ସୁରକ୍ଷା ଦୃଷ୍ଟିରୁ ସରକାରୀ ବସ୍ ବନ୍ଦ କରାଯାଇଛି । ମାଲକାନଗିରି ଜିଲା ରୁଟ୍ ରେ ୨୦ଟି ସରକାରୀ ବସ୍ ବନ୍ଦ ରଖାଯାଇଥିବା ବେଳେ ପାରଳାଖେମୁଣ୍ଡି- ଫୁଲବାଣୀ ରୁଟ୍ ରେ ୪ଟି ବସ୍ ବନ୍ଦ କରାଯାଇଛି । କୋଟିଆ ରୁଟରେ ୨ଟି, ପାର୍ବତିପୁରମ ଗୋଟିଏ, କାଶିପୁର ଦୁଇଟି, ଭଦ୍ରାଚଳମ ଦୁଇଟି, ଗୁଣୁପୁର ଦୁଇଟି ଓ ଭାୟା ରାୟଗଡା ଦେଇ ଯାଉଥିବା ବ୍ରହ୍ମପୁର, ଭଞ୍ଜନଗର ଓ ଭୁବନେଶ୍ୱରକୁ ଯାଉଥିବା ୮ଟି ବସ କୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି । ମାଲକାନଗିରି ଜିଲା ମୋଟୁ ଠାରୁ ବିଶାଖାପାଟଣା ଦୁଇଟି ସେହିପରି ଉକ୍ତ ଜିଲାରୁ ଆନ୍ଧ୍ର ଯାଉଥିବା ୬ଟି ବସ୍ ବନ୍ଦ କରାଯାଇଛି । ବ୍ରହ୍ମପୁର, ଭୁବନେଶ୍ୱର ଠାରୁ କୋରାପୁଟ- ମାଲକାନଗିର ପାଇଁ ଆସୁଥିବା ୧୫ଟି ବସ, ଭବନାପାଟଣାରୁ-ମୋଟୁ ଦୁଇଟି ବସ ବନ୍ଦ ରହିଛି । ଇନ୍ଦ୍ରାବତୀ- ଚିତ୍ରକୋଣ୍ଡା ରୁଟ ରେ ୨ଟି , କାଶିପୁର ଭାୟା ଦଶମନ୍ତପୁର ରୁଟ ରେ ୨ଟି, ଭବାନିପାଟଣା- ମାଲକାନଗିରି, ନିଳାଦ୍ରିନଗର, ଫୁଲବାଣି ରୁଟ ମଧ୍ୟରେ ଏପରି ଭାବେ ୩୫ ରୁଟ ରେ ୪୦ ରୁ ଅଧିକ ସରକାରୀ ଗାଡି ବନ୍ଦ ହୋଇଛି । ଏସବୁ ରୁଟ୍ ରେ ବସ୍ ଚଳାଚଳକୁ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ବନ୍ଦ କରାଯାଇଥିବା ବିଭାଗ ତରଫରୁ ସୂଚନା ଦିଆଯାଇଛି । ମାଓବାଦୀ ଯେପରି କୌଣସି କାଣ୍ଡ ନଘଟାଇ ପାରିବେ ସେ ନେଇ ଜିଲା ପୋଲିସ ତରଫରୁ ସୁରକ୍ଷାକୁ କଡାକଡି କରାଯାଇଥିବା ଜଣାଯାଇଛି । ଜିଲାର ନାରାୟଣପାଟଣା, ବନ୍ଧୁଗାଁ, ବୈପାରିଗୁଡା, ପଟାଙ୍ଗି ଅଂଚଳରେ ସୁରକ୍ଷା ବାହନି ତରଫରୁ ତିକ୍ଷ୍ଣ ନଜର ରଖାଯାଇଛି । ମାଓ ଉପଦ୍ରୁତ ଅଂଚଳରେ ଥିବା ଥାନା ଗୁଡିକର ସୁରକ୍ଷାକୁ କଡା କଡି କରାଯାଇଛି । ଅପରପକ୍ଷେ ମାଓବାଦୀ ମାନେ ଶହିଦ ସପ୍ତାହକୁ ସମର୍ଥନ ଜଣାଇବାକୁ ବ୍ୟାନରେ ଓ ପୋଷ୍ଟର ମାଧ୍ୟମରେ ଅନୁରୋଧ କରିଛନ୍ତି ।

ହାଇକୋର୍ଟ ସ୍ଥାୟୀ ବେଂଚ ପ୍ରତିଷ୍ଠା ଦାବି, ୨ ଦିନ କାର୍ଯ୍ୟ ବନ୍ଦ କଲେ ଆଇନଜିବୀ

ଜୟପୁର, (ପି.ଏନ): ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟର ସ୍ଥାୟୀ ବେଂଚ ପ୍ରତିଷ୍ଠା ଦାବୀରେ ପ୍ରତ୍ୟେକ ମାସର ଶେଷ ୨ ଦିନ କାର୍ଯ୍ୟବନ୍ଦ ନିଷ୍ପତି ହୋଇଛି । ଏହି ପରିପ୍ରେକ୍ଷୀରେ ଜୟପୁର ସ୍ଥିତ ଜିଲା ଓକିଲ ସଂଘର ନିଷ୍ପତି କ୍ରମେ ଜୁଲାଇ ୨୮ ଓ ୨୯ ତାରିଖ ୨ ଦିନ ଓକିଲ ମାନେ କାର୍ଯ୍ୟବନ୍ଦ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଉକ୍ତ ୨ ଦିନ ଜେଲରେ ଥିବା ବିଚାରାଧିନ କଏଦିର ଜାମିନ ହିଁ ଶୁଣାଣି ହୋଇଛି । ତା ଛଡା ଅନ୍ୟ କୌଣସି ମାମଲାର ବିଚାର କି ଶୁଣାଣି ହୋଇପାରି ନାହିଁ । ଜୟପୁରରେ ୨୦ଟି କୋର୍ଟ ଥିବାରୁ ସମସ୍ତ କୋର୍ଟରେ ଆଇନଜୀବି ମାନେ ଅନୁପସ୍ଥିତ ରହି ଜିଲା କୋର୍ଟ ସମ୍ମୁଖରେ ଧାରଣାରେ ବସିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ପ୍ରତ୍ୟେକ ମାସର ଶେଷ ଦୁଇ ଦିନ କାର୍ଯ୍ୟାଦେଶରେ ଓକଲ ମାନେ ଉକ୍ତ ଦାବି ନେଇ କାର୍ଯ୍ୟ ବନ୍ଦ କରି ଆସୁଛନ୍ତି ।

ଓଡିଶା ଲଳିତ କଳା ଏକାଡ଼େମୀ ତରଫରୁ ବାଙ୍ଗାଲୋର ଠାରେ ଆଦିବାସୀ ଚିତ୍ରକଳା ଶିବିର

ଭୁବନେଶ୍ୱର, ୨୯।୮ : ଓଡ଼ିଶା ଲଳିତ କଳା ଏକାଡ଼େମୀ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ,ଓଡିଶା ଦ୍ୱାରା କର୍ଣ୍ଣାଟକର ବାଙ୍ଗାଲୋରରେ ପ୍ରମୁଖ ଗ୍ୟାଲେରୀ 'କର୍ଣ୍ଣାଟକ ଚିତ୍ରକଳା ପରିଷଦ' ଠାରେ ଆୟୋଜିତ ୪ ଦିନିଆ ରାଜ୍ୟସ୍ତରୀୟ ଆଦିବାସୀ (ସଉରା) ଚିତ୍ରକଳା ଶିବିର ଗୁରୁବାରଠାରୁ ଆୟୋଜିତହୋଇଛି । ଓଡ଼ିଶା ବାହାରେ ପ୍ରଥମଥର ପାଇଁ ଆୟୋଜିତ ଏହି ଶିବିରକୁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, କର୍ଣ୍ଣାଟକ ଲଳିତ କଳା ଏକାଡ଼େମୀର ସଭାପତି ଡି. ମହେନ୍ଦ୍ର ଓଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ତଥା ଓଡ଼ିଶା ଲଳିତ କଳା ଏକାଡ଼େମୀର ସଭାପତି ସୁଦର୍ଶନ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଉଦଘାଟନ ଅବସରରେ ଓଡ଼ିଶାର 'ସଉରା' ଜନଜାତି ଚିତ୍ରକଳା ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ବୋଲି ନିର୍ଦ୍ଦେଶକ ଶ୍ରୀ ଦାସ କହିଥିଲେ ଓ ଏହାର ପ୍ରଚାର ପ୍ରସାର ଏବଂ ଜନଜାତି ଶିଳ୍ପୀମାନଙ୍କୁ ଆଧୁନିକ ସୁବିଧା ସୁଯୋଗ ସହ ପରିଚିତ କରାଇବା ପାଇଁ ଏକାଡ଼େମୀର ପଦକ୍ଷେପକୁ ସେ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଡି. ମହେନ୍ଦ୍ର କର୍ଣ୍ଣାଟକରେ ଓଡ଼ିଶାର ଆଦିବାସୀ ଶିଳ୍ପୀମାନଙ୍କୁ ଦେଖି ଖୁସି ବ୍ୟକ୍ତ କରିବା ସହ ଏହି ଶିବିର ଦ୍ୱାରା କର୍ଣ୍ଣାଟକର ଶିଳ୍ପୀମାନେ ମଧ୍ୟ ଅନୁପ୍ରାଣିତ ହେବେ ବୋଲି କହିଥିଲେ । ଏକାଡ଼େମୀର ସଭାପତି ସୁଦର୍ଶନ ପଟ୍ଟନାୟକ ଓଡ଼ିଶା ଲଳିତ କଳା ଏକାଡ଼େମୀ ତରଫରୁ ପ୍ରଥମଥର ପାଇଁ ଓଡ଼ିଶାର ପୁରପଲ୍ଲୀରେ ରହୁଥିବା ଆଦିବାସୀ ଶିଳ୍ପୀମାନଙ୍କୁ ନେଇ ବାଙ୍ଗାଲୋର ଠାରେ ଏପରି ଶିବିର ଆୟୋଜନ କରାଯାଇ ସେମାନଙ୍କର କଳାକୁ ଶୀର୍ଷ ସୋପାନରେ ପହଞ୍ଚାଇବା ପାଇଁ ପ୍ରୟାସ କରାଯାଇଛି ବୋଲି କହିଥିଲେ । ପ୍ରାରମ୍ଭରେ ଏକାଡ଼େମୀର ସଚିବ ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ଏହି ଶିବିରରେ ଯୋଗୀ ସବର, ଜଳନ୍ଧର ସବର, ମୋହିନୀ ସବର, ଇନ୍ଦିରା ଗମାଙ୍ଗ, ମୁକ୍ତା ସବର, ରୋହିଣୀ ସବର, ବେଲାସ୍ମୀ ସବର, କୋଦଣ୍ଡ ସବର, ଶ୍ରାବଣୀ ସବର, ଲୋକେଶ୍ୱରୀ ସବର, ଜୁନେଶ ଗମାଙ୍ଗ, ସୌଭାଗ୍ୟ ମଞ୍ଜରୀ ମଲ୍ଲିକ, ଅଶ୍ୱିନୀ କୁମାର ନାୟକ, ଅନିଲ କେରକେଟ୍ଟା, ବଲ୍ଲଭ କିଶୋର ହାଂସଦା, ରେଣୁବାଳା ନାୟକ, ସ୍ୱାତୀ ଜାନୀ, ଗୌରୀ ଭୁମିଆ, ହିମାଂଶୁ ସବର, ଚନ୍ଦନ ସବର, ଡୋଲି ଜାନୀ, ପ୍ରୀତି ଡୁଙ୍ଗଡୁଙ୍ଗ, ଲିପସା ସମାଦ, ତପସ୍ୱିନୀ ମାଝି ଓ ସୁଭଦ୍ରା କରଓ୍ୱା ପ୍ରମୁଖ ୧୬ ଜଣ ନାରୀ ଶିଳ୍ପୀ ସମେତ ମୋଟ ୨୫ ଜଣ ଶିଳ୍ପୀ ସଉରା ଜନଜୀବନର ବିଭିନ୍ନ ଘଟଣା ଓ ବିଷୟ ବସ୍ତୁକୁ ନେଇ କ୍ୟାନଭାସ ଉପରେ ସୌରା ଚିତ୍ରକଳା ଅଙ୍କନ କରିବେ ।

ବଡ଼ମାଳରେ ବିଦ୍ୟୁତ ମହୋତ୍ସବ ''ଉଜ୍ଜ୍ୱଳ ଭାରତ ଉଜ୍ଜ୍ୱଳ ଭବିଷ୍ୟତ'' ପାଳିତ

ବଲାଙ୍ଗିର ,(ପି.ଏନ): ଆଜାଦି କା ଅମୃତ ମହୋତ୍ସବ ଅନ୍ତର୍ଗତ ଉଜ୍ଜ୍ୱଳ ଭାରତ ଉଜ୍ଜ୍ୱଳ ଭବିଷ୍ୟତ ପାୱାର ଆଟ୍? ଦ ରେଟ୍? ୨୦୪୭ ପାଳନ ଉପଲକ୍ଷେ ବଡ଼ମାଳ ସ୍ଥିତ ଅଫିସର୍ସ କ୍ଲବଠାରେ ବିଦ୍ୟୁତ ମହୋତ୍ସବ ଆଜି ପାଳିତ ହୋଇଯାଇଛି । ପାୱାର ଗ୍ରୀଡ କର୍ପୋରେସନ, ଓପିଟିସିଏଲ୍? ଓ ଟାଟା ପାୱାର ଓ୍ୱେଷ୍ଟର୍ନ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ ଦ୍ୱାରା ବଲାଙ୍ଗିର ଜିଲ୍ଲା ପ୍ରଶାସନର ସହଯୋଗରେ ଏହି ବିଜୁଳି ମହୋତ୍ସବ ପାଳନ କରାଯାଇଛି । ମହୋତ୍ସବରେ ବଡ଼ମାଳ ଗୋଳାବାରୁଦ କାରଖାନାର ସାଧାରଣ ପରିଚାଳକ ପ୍ରଦୀପ କୁମାର ଦାଶ, ଅତିରିକ୍ତ ଜିଲ୍ଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ଓପିଟିସିଏଲ୍?ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଦୀପ୍ତସେନ ଗୁପ୍ତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପାୱାର ଗ୍ରୀଡ଼ ଜିଏମ୍? ସୁରେଶ କିଶାନ, ଓପିଟିସିଲ ଡିଜିଏମ୍? ପ୍ରଦୀପ କୁମାର ସାହୁ ଓ ଓପିଟିସିଏଲ୍?ର ଏସ୍?ଇ ରଂଜନ କୁମାର ନାୟକ ମଂଚାସୀନ ଥିଲେ । ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମହୋତ୍ସବର ଶୁଭାରମ୍ଭ କରିଥିଲେ । ମହୋତ୍ସବରେ ଉଦ୍?ବୋଧନ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସିଂ ଲାଗୁରୀ ଶକ୍ତି ସଂଚୟ କ୍ଷେତ୍ରରେ ଜନ ସାଧାରଣଙ୍କୁ ସଚେତନ କରିବା ଏହି ମହୋତ୍ସବ ଆୟୋଜନର ଉଦ୍ଦେଶ୍ୟ ବୋଲି ପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ଗୋଳାବାରୁଦ କାରଖାନାର ଜିଏମ୍? ଶ୍ରୀ ଦାଶ ଉଦ୍?ବୋଧନ ଦେଇ ଶକ୍ତି କ୍ଷେତ୍ରରେ ଆସିଥିବା ପରିବର୍ତ୍ତନ ଉପରେ ଆଲୋକପାତ କରିଥିଲେ । ବରେଣ୍ୟ ଅତିଥି ଓପିଟିସିଏଲ୍?ର କାର୍ଯ୍ୟନିର୍ବାହୀ ନିଦେଶକ ଶ୍ରୀ ଗୁପ୍ତା ମାନବ ଜୀବନରେ ବିଦ୍ୟୁତ୍?ର ପ୍ରୟୋଜନୀୟତା ସଂପର୍କରେ ଆଲୋକପାତ କରିଥିଲେ । ବିଜୁଳି ମହୋତ୍ସବରେ ବିଦ୍ୟୁତ ଉପଭୋକ୍ତାମାନେ ବିଦ୍ୟୁତ୍? କ୍ଷେତ୍ରରେ ବିଭିନ୍ନ ଯୋଜନା ମାଧ୍ୟମରେ ହେଉଥିବା ପରିବର୍ତ୍ତନ ସମ୍ପର୍କରେ ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ । ବିଦ୍ୟୁତ୍? ମହୋତ୍ସବ ପାଳନ ଉପଲକ୍ଷେ ଟ୍ରାନ୍?ସମିସନ ଓ ବଂଟନ ବ୍ୟବସ୍ଥା ପ୍ରଣାଳୀ ଉପରେ ଓପିଟିସିଏଲ୍? ଦ୍ୱାରା ପ୍ରସ୍ତୁତ ପ୍ରାମାଣିକ ଚଳଚ୍ଚିତ୍ର ଏବଂ ଟାଟା ପାୱାର ଓ୍ୱେଷ୍ଟର୍ନ ଓଡିଶା ଲିମିଟେଡ୍? ପକ୍ଷରୁ ରାଜ୍ୟ ସରକାରଙ୍କ ଯୋଜନା, ବିଦ୍ୟୁତ ନିରାପତ୍ତା, ଶକ୍ତି ସଂରକ୍ଷଣ ଇତ୍ୟାଦି ସମ୍ପର୍କରେ ପ୍ରସ୍ତୁତ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା । ଏଥିସହିତ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ପକ୍ଷରୁ ଶକ୍ତି ସମ୍ପର୍କିତ ବିଭିନ୍ନ ଯୋଜନା ଉପରେ ନିର୍ମିତ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶୀ, କୁଆରୀର କଳାକାରମାନଙ୍କ ଦ୍ୱାରା ମହୋତ୍ସବରେ ନୁକ୍ଲତ୍? ନାଟକ ଓ ବିଦ୍ୟୁତ ସମ୍ପର୍କିତ ସଚେତନତା ବାର୍ତ୍ତା ସମ୍ବଳିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶେଷରେ ପାୱାର ଗ୍ରୀଡ୍? କର୍ପୋରେସନର ସାଧାରଣ ପରିଚାଳକ ସୁରେଶ କିସାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ତଥା କବି ଆନନ୍ଦ ଚନ୍ଦ୍ର ସାହୁ ସଂଜୋଜନା କରିଥିଲେ । ଏହି ଉତ୍ସବରେ ପାୱାର ଗ୍ରୀଡ଼ କର୍ପୋରେସନ୍?ର ଯନ୍ତ୍ରୀ ବିରେନ୍ଦ୍ର କୁମାର ଦାସ, ପାୱାର୍ଡ଼ ଗ୍ରୀଡ୍? ଅଧିକାରୀ ତାରାଚନ୍ଦ ମେହେର, ଓପିଟିସିଏଲ ଅଧିକାରୀ ମୁକୁନ୍ଦ ମାଝୀ, ମିଲନ୍? ସାହୁ, ଟିପିଡବ୍ଲୁଓଡିଏଲ୍?ର ପ୍ରଶାସନିକ ଅଧୀକାରୀ ସଞ୍ଜିବ କୁମାର ଜେନା ସମେତ ବିଭିନ୍ନ ବିଭାଗର ଅଧିକାରୀ, ବିଦ୍ୟୁତ ବିଭାଗର ଅଧିକାରୀ ଓ କର୍ମଚାରୀ ଏବଂ ବିଭିନ୍ନ ଅଂଚଳରୁ ଆସିଥିବା ବିଦ୍ୟୁତ ଉପଭୋକ୍ତାମାନେ ଉପସ୍ଥିତ ଥିଲେ ।

ବନ୍ଦ କୋଠରୀରୁ ଗଳିତ ଶବ ଉଦ୍ଧାର

ଜୟପୁର, (ପି.ଏନ): କୋଠରୀ ବାହାରେ ଝୁଲୁଛି ତାଲା । ହେଲେ ବନ୍ଦ କୋଠରୀ ମଧ୍ୟରୁ ଜଣେ ବ୍ୟକ୍ତିଙ୍କ ଗଳିତ ଶବ ଉଦ୍ଧାର ହୋଇଛି ।ବନ୍ଦ କୋଠରୀରୁ ପ୍ରବଳ ଦୂର୍ଗନ୍ଧ ବାହାରିବାରୁ ଗତକାଲି ସାହି ପଡିଶା ଲୋକେ ପୋଲିସକୁ ଖବର ଦେଇଛନ୍ତି । ଖବର ପାଇ ସାଇଂଟିଫିକ ଟିମ୍, ସନ୍ଧାନୀ କୁକୁରକୁ ସାଙ୍ଗରେ ଧରି ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ଏଭଳି ନୃସଂଶ କାଣ୍ଡ ଘଟିଛି କୋଟପାଡ଼ ଥାନା ଅଂଚଳ ୧୧ ନମ୍ବର ୱାର୍ଡ ମିଶନ କମ୍ପାଉଣ୍ଡରେ । ଯେଉଁ ଘରେ ଏଭଳି କାଣ୍ଡ ଘଟିଛି ସେହି ଘରର ମାଲିକ ଗତ ସୋମବାର ଦିନଠାରୁ ନିଖୋଜ ରହିଛନ୍ତି । ଏହା ବାଦ ତାଙ୍କ ଘରକୁ ଲାଗି ରହିଥିବା ଭଡାଘରର ଭଡାଟିଆ ମଧ୍ୟ ସୋମବାର ଦିନ ଠାରୁ ନିଖୋଜ ରହିଛନ୍ତି । ବୋରିଗୁମ୍ମା ଏସଡିପିଓ ହରେକୃଷ୍ଣ ମାଝୀ ଥାନା ଅଧିକାରୀ ଶେଷଦେବ ବେହେରା ଓ ମାଜିଷ୍ଟେଟଙ୍କ ଉପସ୍ଥିତିରେ କୋଠରୀର ତାଲା ଭାଙ୍ଗି ଶବକୁ ଉଦ୍ଧାର କରାଯାଇଛି । ଅଦ୍ୟାବଧି ଶବ ଚିହ୍ନଟ ହୋଇପାରିନି । ତେବେ ବନ୍ଦ କୋଠରୀ ଭିତରେ ଚଦରରେ ବନ୍ଧା ହୋଇ ଶରୀରର ଅନେକ ସ୍ଥାନରେ କ୍ଷତ ଚିହ୍ନରୁ ତାଙ୍କୁ ହତ୍ୟା କରାଯାଇଥିବା ବାରି ହେଉଛି । ମୃତକଙ୍କ ଶବ ଚିହ୍ନଟ ପରେ ହତ୍ୟା ଘଟଣାର ତଦନ୍ତ ହୋଇପାରିବ । ଘଟଣାଟି ଘଟିବାର ଚାରିରୁ ୫ ଦିନ ବିତିଯାଇଥିବା ଅନୁମାନ କରାଯାଉଛି । ଏଠାରେ ଉଲ୍ଲେଖଯୋଗ୍ୟ, ମିଶନ କମ୍ପାଉଣ୍ଡ ଅଂଚଳରେ ଗତ ଦୁଇ ବର୍ଷ ତଳେ ଜଣେ ମହିଳାଙ୍କୁ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରାଯାଇଥିଲା । ଆଜି ପର୍ଯ୍ୟନ୍ତ ସେହି ହତ୍ୟା ଘଟଣାର ଅଭିଯୁକ୍ତ ମାନେ ଗିରଫ ହୋଇନାହାନ୍ତି ।

ଜାତି, ଧର୍ମ, ବର୍ଣ୍ଣ ଓ ଦଳମତ ନିର୍ବିଶେଷରେ ଘରେ ଘରେ ଉଡୁ ତ୍ରିରଙ୍ଗା : ସମୀର ମହାନ୍ତି

ଭୁବନେଶ୍ୱର, ୨୯।୭(ପି.ଏନ): ସ୍ୱାଧୀନତାର ୭୫ ବର୍ଷ ପୂର୍ତି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ଆଜି ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଛି । ଅମୃତ ମହୋତ୍ସବ ଅବସରରେ 'ହର ଘର ତ୍ରିରଙ୍ଗା' ବା 'ଘରେ ଘରେ ତ୍ରିରଙ୍ଗା'ର କାର୍ଯ୍ୟକ୍ରମ ଆସନ୍ତା ୯ଅଗଷ୍ଟ ରୁ ୧୫ ଅଗଷ୍ଟ ପର୍ଯ୍ୟନ୍ତ ସମଗ୍ର ଦେଶରେ ଭାରତୀୟ ଜନତା ପାର୍ଟି ପାଳନ କରିବ । ଜାତି, ଧର୍ମ, ବର୍ଣ୍ଣ ଓ ଦଳମତ ନିର୍ବିଶେଷରେ ରାଜ୍ୟର ପ୍ରାୟ ୧କୋଟି ୧୫ଲକ୍ଷ ପରିବାର 'ହର ଘର ତ୍ରିରଙ୍ଗା' ପାଳନ କରିବାକୁ ରାଜ୍ୟ ସଭାପତି ସମୀର ମହାନ୍ତି ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ, ତ୍ରିରଙ୍ଗା ପତାକା ହେଉଛି ଜାତୀୟତା, ରାଷ୍ଟ୍ରୀୟତା ଓ ସ୍ୱାଭିମାନର ପ୍ରତୀକ, ଯାହା ଦେଶବାସୀଙ୍କ ପାଖରେ ଅମୃତ କାଳଖଣ୍ଡରେ ଉଦ୍ରେକ ହେଉ । ସ୍ୱାଧୀନତା ଦିବସ ପାଳନ ଅବସରରେ ଭାରତକୁ ଶ୍ରେଷ୍ଠ ଭାରତ କରିବା ପାଇଁ ସମସ୍ତ ଦେଶବାସୀ ତାଙ୍କ ପରିବାରର ସର୍ବ କନିଷ୍ଠ ସଦସ୍ୟଙ୍କ ହାତରେ ପତାକା ଉତୋଳନ କରିବାକୁ ଶ୍ରୀ ମୋଦି ଆହ୍ୱାନ ଦେଇଥିବା ଶ୍ରୀ ମହାନ୍ତି କହିଛନ୍ତି । ଅଗଷ୍ଟ ୯ ରୁ ୧୧ତାରିଖ ତ୍ରିରଙ୍ଗା ଯାତ୍ରା ଏବଂ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ସହର ୱାର୍ଡ, ପଂଚାୟତ ସ୍ତରରେ ସାଧାରଣ ଜନତାଙ୍କୁ ପ୍ରଭାତ ଫେରି ମାଧ୍ୟମରେ ସଚେତନ କରାଯିବ । ସେହିପର

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ସ୍ୱରରକ୍ଷକ
ପର୍ଯ୍ୟବେକ୍ଷକ
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Saturday July 30, 2022 | ଭୁବନେଶ୍ୱର ଶନିବାର, ଜୁଲାଇ ୩୦,୨୦୨୨ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

ଆନ୍ତର୍ଜାତୀୟ ଜଙ୍ଗଲ ପରିଚାରକ ପରିଷଦ ସମ୍ମିଳନୀରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସଦସ୍ୟଙ୍କ ଯୋଗଦାନ

ଭୁବନେଶ୍ୱର,(ପି.ଏନ): ଆନ୍ତର୍ଜାତୀୟ ଜଙ୍ଗଲ ପରିଚାରକ ପରିଷଦର ଏସିଆ ଓ ପ୍ରଶାନ୍ତ ମହାସାଗର ଅଂଚଳର ଆଂଚଳିକ ସମ୍ମିଳନୀରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପ୍ରାକ୍ତନ ସାଂସଦ ଡଃ ରାମଚନ୍ଦ୍ର ଖୁଣ୍ଟିଆଙ୍କ ନେତୃତ୍ୱରେ ରାଜ୍ୟ ସାଧାରଣ ସଂପାଦକ - କିଶୋର ଜେନା, ଉପସଭାପତି - ମଦନ ମୋହନ ଧଳ, ମହିଳା ସଭାନେତ୍ରୀ- ପ୍ରଣତୀ ମିଶ୍ର, ଯୁବ ସଭାପତି- ସତ୍ୟବ୍ରତ ନାୟକ ଥାଇଲାଣ୍ଡର ବ୍ୟାଙ୍କକ ଠାରେ ଅଂଶ ଗ୍ରହଣ କରିଥିଲେ। ଆମ ଦେଶର ଜଙ୍ଗଲ କ୍ଷେତ୍ରରେ ଆଦିବାସୀମାନଙ୍କର ସମସ୍ୟା, ସ୍ୱାସ୍ଥ୍ୟ, ନିରାପତ୍ତା ପରିବେଶ ବିଶେଷ କରି ଜଙ୍ଗଲରେ ବସବାସ କରୁଥିବା ବନବାସୀ ମାନଙ୍କର ସାମାଜିକ ସୁରକ୍ଷା ସମ୍ବନ୍ଧରେ ଆଲୋଚନା କରିଥିଲେ। ଭାରତ ଭଳି କେତେକ ଦେଶରେ ଅଧିକ ଜଙ୍ଗଲ ନିୟମାନୁଯାୟୀ ମଞ୍ଜୁରୀ ପ୍ରାପ୍ତ ହୋଇନଥିବାରୁ ଅବଧ୍ୟ ଗଛକଟା, ବ୍ୟାପକ ଜୀବଜନ୍ତୁ ଶିକାର ଓ ବ୍ୟାପକ ଜଙ୍ଗଲ କ୍ଷୟକ୍ଷତି ହେଉଛି। ଏହା ବାୟୁମଣ୍ଡଳର ପରିର୍ବତନର ଏକ ମୁଖ୍ୟ କାରଣ। ଏହାକୁ ନିୟନ୍ତ୍ରଣ ନ କଲେ ପୃଥିବୀ ଧ୍ୱଂସାଭିମୁଖି ହେବ ବୋଲି ଆଲୋଚନାରେ ଡଃ ଖୁଂଟିଆ ମତ ପ୍ରକାଶ କରିଥିଲେ। ଏହାର କୁପ୍ରଭାବ ପରିବେଶ ଓ ଜଙ୍ଗଲ ଉପରେ ପଡ଼ିବା ସହିତ ଲକ୍ଷ ଲକ୍ଷ ଆଦିବାସୀ ଜୀବନ-ଜୀବିକା ହରାଇଛନ୍ତି। ବିଶ୍ୱର ଆୟତନ କ୍ଷେତ୍ରର ୩୧% ଜଙ୍ଗଲ ଥିବାବେଳେ ଓଡ଼ିଶାରେ ୨୭% ଜଙ୍ଗଲ ଅଛି। ଜଙ୍ଗଲ, ପରିବେଶ ଓ ବନ୍ୟପ୍ରାଣିକ ସୁରକ୍ଷା ତଥା ଜଙ୍ଗଲ ଅଧିବାସୀ, ଜଙ୍ଗଲରେ କାମ କରୁଥିବା ଶ୍ରମିକ ଓ ପାରମ୍ପାରିକ ଅଧିବାସୀ ଓ ଜଙ୍ଗଲ ଉପରେ ନିର୍ଭର କରୁଥିବା ଅଧିବାସୀ ମାନଙ୍କର ସ୍ୱାସ୍ଥ୍ୟ, ନିରାପତା ଓ ସାମାଜିକ ସୁରକ୍ଷା, ଭାରତରେ ସମସ୍ତ ଜଙ୍ଗଲରେ ନିୟମ ଦୃଷ୍ଟିରୁ ମଞ୍ଜୁରୀ ପ୍ରାପ୍ତ ହେବା ଦରକାର। ଆମ ଦେଶରେ ୮୮୦ ଲକ୍ଷ ବର୍ଗ କିଲୋମିଟର ଜଙ୍ଗଲ ଥିବାବେଳେ ମାତ୍ର ୮ ଲକ୍ଷ ହେକ୍ଟର ଜଙ୍ଗଲ ସ୍ୱୀକୃତ ପ୍ରାପ୍ତ ପାଇଛି। ଏଣୁ ଓଡ଼ିଶାର ସମସ୍ତ ଜଙ୍ଗଲକୁ ପ୍ରାମାଣିତ ତଥ୍ୟ ଭିତିକ ମଞ୍ଜୁରୀ ପ୍ରାପ୍ତ କରିବା, ଜଙ୍ଗଲର ପାରମ୍ପାରିକ ଆଦିବାସୀ ଓ ଅଧିବାସୀମାନଙ୍କ ଜୀବନ ଓ ଜୀବିକା ଅଧିକାର ସୁରକ୍ଷା କରିବା ପାଇଁ ଏହି ବୈଠକରେ ଆଲୋଚନାରେ ଭାଗ ନେଇ ଡଃ ରାମଚନ୍ଦ୍ର ଖୁଂଟିଆ କହିଛନ୍ତି। ଏହି ଜଙ୍ଗଲ ପରିଚାରକ ପରିଷଦର ଆଗାମୀ ୯ ଅକ୍ଟୋବର ରୁ ୧୪ ଅକ୍ଟୋବର ଇଣ୍ଡୋନେସିଆର ବାର୍ଲି ଠାରେ ବିଶ୍ୱ ସମ୍ମିଳନୀ ଅନୁଷ୍ଠିତ ହେବ। ଉକ୍ତ ସମ୍ମିଳନୀରେ ଆଦିବାସୀ ଓ ଅଧିବାସୀ ମାନଙ୍କର ଜୀବନ ସୁରକ୍ଷା, ପାରମ୍ପାରିକ ସଂସ୍କୃତି ଓ ସ୍ୱାସ୍ଥ୍ୟ ସୁରକ୍ଷା ଓ ସାମାଜିକ ସୁରକ୍ଷା ସମ୍ବନ୍ଧୀୟ ଦୁଇଟି ପ୍ରସ୍ତାବ ଉତ୍‌ଥାପନ କରିବା ପାଇଁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ପ୍ରତିନିଧିମାନେ ପ୍ରସ୍ତାବ ଉତ୍‌ଥାପନ କରିଛନ୍ତି।

ପାଟକୁରା ପ୍ରଗତି ମଞ୍ଚ ପକ୍ଷରୁ ଅଚଳ ଉଠାଜଳସେଚନ ପଏଣ୍ଟ କାର୍ଯ୍ୟକ୍ଷମ ପାଇଁ ଦାବିପତ୍ର

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲା ଅଧିନ ଗରଦପୁର ବ୍ଲକର ସମସ୍ତ ଉଠାଜଳସେଚନ ପଏଣ୍ଟ ଗୁଡିକୁ କାର୍ଯ୍ୟକ୍ଷମ କରାଯିବାକୁ କେନ୍ଦ୍ରାପଡା ଉଠାଜଳସେଚନ ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କୁ ପାଟକୁରା ପ୍ରଗତି ମଞ୍ଚ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗରଦପୁର ବ୍ଲକର ୧୮ଟି ଗ୍ରାମପଞ୍ଚାୟତର କୃଷିକ୍ଷେତ୍ରକୁ ଜଳସେଚନ ନିମନ୍ତେ ସରକାରଙ୍କ ପକ୍ଷରୁ ୧୭୫ଟି ଉଠାଜଳସେଚନ ପଏଣ୍ଟ ଥିବାବେଳେ ସେଥିମଧ୍ୟରୁ ମାତ୍ର ୨୦ଟି ପଏଣ୍ଟ କାର୍ଯ୍ୟକ୍ଷମ ଅଛି। ଅନ୍ୟ ୧୫୫ଟି ପଏଣ୍ଟ ବିଭାଗୀୟ ଅବହେଳା ପାଇଁ କାର୍ଯ୍ୟକ୍ଷମ ହୋଇପାରିନଥିବା ଅଭିଯୋଗ ହୋଇଛି। ଏପରିକି ବ୍ଲକର ଗରଦପୁର ଓ ତେଣ୍ଡାକୁଡା ଠାରେ ଥିବା ୨ଟି କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଥିବାବେଳେ ସେଠାରେ ଜଣେ ହେଲେବି କନିଷ୍ଠ ଯନ୍ତ୍ରୀ ନଥିବା ଅଭିଯୋଗ ହୋଇଛି।

ବିଶ୍ୱସଂସ୍କୃତି ଓ ବର୍ତ୍ତମାନ ସମୟରେ ମାଳିକାର ବିଶେଷତ୍ୱ

ଭୁବନେଶ୍ୱର,(ପି.ଏନ):ଓଡ଼ିଶାରାଜ୍ୟ ଅଭିଲେଖାଗାରରେ ୬୨ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଉତ୍ସବରେ ମୁଖ୍ୟବକ୍ତା ଭାବରେ ପଣ୍ଡିତ କାଶିନାଥମିଶ୍ର ଯୋଗଦାନ କରିଥିଲେ। ମୁଖ୍ୟଅତିଥି ଭାବରେ ବିଭାଗୀୟ ଅତିରିକ୍ତ ମୁଖ୍ୟଶାସନ ସଚିବଶ୍ରୀଯୁକ୍ତ ମଧୁସୂଦନ ପାଢ଼ୀ ଯୋଗଦାନ କରିଥିଲେ। ସମ୍ମାନରେ ସ୍ୱାଗତ ଭାଷଣ ଦେଇଥିଲେ ଓଡ଼ିଶାରାଜ୍ୟ ଅଭି ଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲାଏବଂଧନ୍ୟବାଦ ଅର୍ପଣ କରିଥିଲେ ଶ୍ରୀଯୁକ୍ତ ଉପେନ୍ଦ୍ର କୁମାର ବେହେରା। ଏହି ଅବସରରେ ମୁଖ୍ୟବକ୍ତା ପଣ୍ଡିତ କାଶୀନାଥ ମିଶ୍ର ବିଶ୍ୱସଂସ୍କୃତି ଓ ବର୍ତ୍ତମାନ ସମୟରେ ମାଳିକାର ବିଶେଷତ୍ୱ ଉପରେବସ୍ତୃତ ଭାବରେ ବର୍ଣ୍ଣନା କରିବାକୁ ଯାଇ କହିଥିଲେ ଓଡ଼ିଶାର ପରମ୍ପରା, ସଂସ୍କୃତି, ଅଧ୍ୟାତ୍ମିକ ଚେତନା ସମୟ ଆସିବ ଯାହସାରା ବିଶ୍ୱର ପରିସ୍ଥିତି ଓ ପରିବେଶକୁ ପରିବର୍ତ୍ତନ କରିବାକୁ ସକ୍ଷମ ହେବ । ଓଡ଼ିଶା ହେଉଛି ଦେବଦେବ ଭଗବାନଙ୍କର ଜନ୍ମସ୍ଥାନ ଏବଂ ଓଡ଼ିଶାରେ ଦ୍ୱିତୀୟ ଅଯୋଧ୍ୟାଏବଂ ଦ୍ୱିତୀୟ ବୃନ୍ଦାବନ ସୃଷ୍ଟିହେବ। ସାରା ବିଶ୍ୱରୁ ମନୁଷ୍ୟ ସମାଜ ଓଡ଼ିଶାକୁ ଅନୁସରଣ କରିବାକୁ ସମୟ ଆସିଛି। ବର୍ତ୍ତମାନ ସମୟ ଏକ ବିପଦ ପୂର୍ଣ୍ଣସମୟ ଦେଇ ମାନବ ସମାଜ ଗତିକରୁଥିବା ବେଳେ ମାନବ ସମାଜକୁ ନୂତନ ଶକ୍ତିସଂଚାରର ଆଲୋକ ମାଳିକା ମାଧ୍ୟମରେ ହିଁମଣିଷ ସମାଜକୁ ପ୍ରାପ୍ତ ହେବ । ସମସ୍ତ ମାନବକୁ ସନ୍ଦେଶ- ପ୍ରତ୍ୟେକ ମନୁଷ୍ୟ ସତ୍ୟ, ଶାନ୍ତି, ଦୟା, କ୍ଷମାଏବଂମୈତ୍ରିକୁ ନିଜର ଜୀବନରଶୈଳୀକୁ ଅବଲମ୍ବନ କରନ୍ତୁ । ପ୍ରତ୍ୟେକ ଦିନ ସନାତନ ଧର୍ମର ପରମଶାସ୍ତ୍ରଶ୍ରୀମଦ୍ ଭାଗବତକୁ ପଠନ କରନ୍ତୁ। ପ୍ରତ୍ୟେକ ଦିନ ନିଜରକିଛିଖାଦ୍ୟର ଅଂଶକୁ ଦିନ, ଦୁଃଖି ଦରିଦ୍ର ଓ ଜୀବଜନ୍ତୁଙ୍କୁ ଦାନ କରନ୍ତୁ । ଉକ୍ତ କର୍ମ କରିବା ଦ୍ୱାରା ମନୁଷ୍ୟସତ୍ୟଯୁଗକୁ ଯାଇ ପାରିବ । ସମ୍ମାନରମୁଖ୍ୟ ଅତିଥି, ଓଡ଼ିଆଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟଶାସନ ସଚିବ, ଶ୍ରୀଯୁକ୍ତ ମଧୁସୂଦନ ପାଢ଼ୀ ବିଶ୍ୱତାପ କିପରି ବୃଦ୍ଧି ପାଉଛି ଏବଂ ସମୁଦ୍ର ପତନ ବୃଦ୍ଧି ହେଉଛି ତାହା ହୁଏତ ମାଳିକାର ଭବିଷ୍ୟବାଣୀକୁ ପ୍ରତିପାଦନ କରିଥାଏବୋଲି କହିଥିଲେ । ପରିଶେଷରେ ଦର୍ଶକ ଏବଂ ବୁଦ୍ଧିଜୀବୀ ମାନଙ୍କର ମୁକ୍ତ ଆଲୋଚନା ହୋଇଥିଲା ଯେଉଁଥିରେ ଉପସ୍ଥିତ ଶ୍ରୋତାମଣ୍ଡଳୀ ମୁଖ୍ୟବକ୍ତାଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେଏବଂତାହାର ଉତ୍ତର ପାଇଥିଲେ।

କୃଷକ ବିକାଶ ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଉଦଘାଟିତ

କେନ୍ଦ୍ରାପଡ଼ା,(ପି.ଏନ) : କେନ୍ଦ୍ରାପଡା ସହରର ଗୋପ ଠାରେ କୃଷକ ବିକାଶ ସମବାୟ ସମିତି ଲିଃର ନୂତନ କାର୍ଯ୍ୟାଳୟ ଗୃହ ସମିତିର ସଭାପତି ପ୍ରମୋଦ ସାହୁଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ସମିତିର ଉପସଭାପତି ପାର୍ବତୀ ନାୟକ, ସମିତିର ନିର୍ଦ୍ଦେଶକ ଅଭୟ ସାମଲ, ରବିନ୍ଦ୍ର ଧଳ, ରଞ୍ଜନ ସେଠୀ, ପ୍ରମୋଦ ସାମଲ, ମହେଶ୍ୱର ଜେନା, ଧର୍ମପଦ ମହାରଣା, ସମିତି ସମ୍ପାଦକ ଅରବିନ୍ଦ ସାହୁଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏତଦବ୍ୟତିତ କେନ୍ଦ୍ରାପଡା ରଣ ସମବାୟ ସମିତି ଲିଃର ସମ୍ପାଦକ ପ୍ରହଲ୍ଲାଦ ସାହୁ,ଜେନେରାଲ ମ୍ୟାନେଜର ମନୋଜ ସାହୁ, ମୁଖ୍ୟ ଶାଖାର ବରିଷ୍ଠ ପରିଚାଳକ ରମେଶ ସେଠୀ, ପାରାଦୀପ ଶାଖାର ପରିଚାଳକ ଭବାନୀ ପରିଡା, ସହର ଶାଖାର ପରିଚାଳକ ଶାନ୍ତନୁ ପଣ୍ଡା ଓ ଅନ୍ୟାନ୍ୟ ଶାଖାର କର୍ମଚାରୀଙ୍କ ସମେତ ବହୁ ଚାଷୀ, ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ। ଏହି ଅବସରରେ ନବଗଠିତ ସମିତି ପରିଚାଳନା ପରିଷଦର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟତଃ ଚାଷୀମାନଙ୍କୁ ନିର୍ଦ୍ଧାରିତ ଦରରେ ସମିତି ପକ୍ଷରୁ ଧାନ ବିହନ ଯୋଗାଇ ଦିଆଯାଇଥିବା ବିଷୟ ସହ ସାର ଯୋଗାଣ ସମ୍ପର୍କରେ ସମୀକ୍ଷା କରାଯିବା ସଙ୍ଗେ ସଙ୍ଗେ ଚାଷୀମାନଙ୍କୁ ଠିକ ସମୟରେ ବିଭିନ୍ନ କିଷମର ସାର ତୁରନ୍ତ ଯୋଗାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

କଳିଙ୍ଗ ଭାରତୀରେ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଫୁଲନଖରା, (ପି.ଏନ): ସଦର ଥାନା ପୀରବଜାରଠାରେ ଥିବା କଳିଙ୍ଗ ଭାରତୀ ଆବାସିକ କଲେଜରେ +୨ ବିଜ୍ଞାନ , ବାଣିଜ୍ୟ ଓ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ଷ୍ଟେଟ ଫୁଡ କମିଶନର ଆଇଏଫଏସ ପ୍ରମୋଦ କୁମାର ମେର୍କାପ ଯୋଗ ଦେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

ଗୋଲଡି ସୋଲାର ଓଡ଼ିଶାରେ ୯ ମେଗାୱାଟରୁ ଉର୍ଦ୍ଧ୍ୱ ସୌରଶକ୍ତି ଯୋଗାଣ କରିଛି

ଭୁବନେଶ୍ୱର, (ପି.ଏନ): ଗୋଲଡି ସୋଲାର ଭାରତର ସବୁଠାରୁ ଗୁଣାତ୍ମକ ସଚେତନ ସୋଲାର ବ୍ରାଣ୍ଡ ରୂପେ ଆଜି ପରିଚିତ। ଆଜି ଏହା ଓଡ଼ିଶାର ବଲାଙ୍ଗିରଠାରେ ଅବସ୍ଥିତ ଏକ ଅଗ୍ରଣୀ ସୋଲାର ସଲ୍ୟୁସନ ପ୍ରଦାନକାରୀ ସଂସ୍ଥା ଯିଏକି ୯+ ମେଗାୱାଟ ଯୋଗାଣ କ୍ରମ ଅର୍ଡ଼ର ପାଇ ପାରିଛି। ଓଡ଼ିଶାରେ ହିଲଡ ପ୍ରୋଜେକ୍ଟ ସହିତ ସହଭାଗୀ ହୋଇ ଏହା କାର୍ଯ୍ୟ କରୁଛି। ଜୁଲାଇ ୨୦୨୨ରେ ଏହି ସଂସ୍ଥା ମହାନଦୀ କୋଲ ଫିଲଡ ଲିମିଟେଡ ସହିତ ଏକ ପ୍ରୋଜେକ୍ଟକୁ ନେଇ କାର୍ଯ୍ୟ କରୁଛି। ଏହା ଗୁଣାତ୍ମକ ଉତ୍ପାଦ ଓ ଗୁଣାତ୍ମକ ଲୋକମାନଙ୍କ ଦ୍ୱାରା ଆଦୃତ ହୋଇ ପାରିଛି। କଂପାନି ବର୍ତମାନ ଗୁଜୁରାଟରେ ଦୁଇଟି ଅତ୍ୟାଧୁନିକ ନିର୍ମାଣ କାର୍ଯ୍ୟ ଜାରି ରଖିଛି। ଗୋଲଡି ସୋଲାର ଏକ ଦଶନ୍ଧିରୁ ଅଧିକ ସମୟ ଧରି ଶିଳ୍ପ ସମୃଦ୍ଧ ଅଭିଜ୍ଞତା ଅର୍ଜନ କରିପାରିଛି। ଏହାର ବର୍ତମାନ ଉତ୍ପାଦନ କ୍ଷମତା ୨.୫ ଜିଡବଲ୍ୟୁ ଓ ଖୁବ ଶୀଘ୍ର ୬ ଜିଡବଲ୍ୟୁକୁ ବୃଦ୍ଧି ହେବାକୁ ଯାଉଛି।ଏହି ଘୋଷଣା ଉପରେ ସୂଚନା ଦେଇ ଗୋଲଡି ସୋଲାରର ସହ ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଶ୍ରୀ ଭାରତ ଭୁତ୍ କହିଛନ୍ତି ଯେ ଓଡ଼ିଶା ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର। ଆମେ ଏଠାରେ ବହୁ ପ୍ରକଳ୍ପରେ ଅଂଶ ଗ୍ରହଣ କରିବାକୁ ପ୍ରୟାସ କରୁଛୁ। ଆମର ଗୁଣାତ୍ମକ ଉତ୍ପାଦ ଓ ବ୍ରାଣ୍ଡକୁ ନେଇ ଆମର ସୁଦୃଢ ପାଇପ ଲାଇନ ରହିଛି। ଓଡ଼ିଶାରେ ହିଲଡ ପ୍ରୋଜେକ୍ଟ ସହିତ ସହଭାଗୀ ହୋଇ ପାରିଥିବାରୁ ଆମେ ଗର୍ବିତ।

ବେଙ୍ଗାଲୁରୁରେ ୱାଲ୍‌ଡେନଉଡର ଗାଁ କୁ ଫେରିଚ଼ାଲ ଅଭିଯାନ

ବେଙ୍ଗାଲୁରୁ,(ପି.ଏନ): କପିଳାସ ପାହାଡିର ପାଦଦେଶରେ ଅବସ୍ଥିତ ୱାଲ୍‌ଡେନଉଡ ପରିବେଶ ଗ୍ରାମ ତରଫରୁ ନିକଟରେ ବେଙ୍ଗାଲୁରୁଠାରେ 'ଗାଁ କୁ ଫେରିଚ଼ାଲ' ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସମାବେଶରେ ବେଙ୍ଗାଲୁରୁ ସମେତ ଦେଶର ବିଭିନ୍ନ ପ୍ରାନ୍ତରୁ ନିମନ୍ତ୍ରିତ ହୋଇଥିବା ବହୁ ପରିବେଶବିତ୍,ପରିମଳ ବିଶେଷଜ୍ଞ ଏବଂ ସ୍ୱଚ୍ଛତା ପ୍ରେମୀ ଜନସାଧାରଣ ଯୋଗ ଦେଇଥିବା ଦେଖାଯାଇଥିଲା।ୱାଲ୍‌ଡେନଉଡର ପ୍ରତିଷ୍ଠାତା ବିଖ୍ୟାତ ପରିବେଶବିତ୍ ରାମକୃଷ୍ଣ ଦାଶଙ୍କର ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବିଚାରଗୋଷ୍ଠୀର ମୁଖ୍ୟ ଉଦ୍ଦେଶ୍ୟ, ପୁନର୍ବାର ଗ୍ରାମକୁ ଫେରିଯିବା ଏବଂ ଗ୍ରାମାଞ୍ଚଳକୁ ସୁସ୍ଥ, ସଂଯତ ଏବଂ ସ୍ୱଚ୍ଛ କରି ଗଢ଼ି ତୋଳିବା ଥିଲା। ଇକୋ ମ୍ୟାନ ଆର୍ କେ ଭାବରେ ସୁପରିଚ଼ିତ ଶ୍ରୀ ଦାଶ, 'ଗାଁକୁ ଫେରିଚ଼ାଲ' ଭଳି ଅନନ୍ୟ ଅଭିଯାନର ପରିକଳ୍ପନା ଓ କାର୍ଯ୍ୟାନ୍ୱୟନ ନେଇ ମାର୍ଗପନ୍ଥା ନିର୍ଦ୍ଧାରଣ କରିଛନ୍ତି। ଆୟୋଜିତ ଆଲୋଚ଼ନା ଚ଼କ୍ରରେ ଉଦଘାଟନୀ ଭାଷଣ ପ୍ରଦାନ କରି ମୁଖ୍ୟ ଆୟୋଜକ ଏବଂ ୱାଲ୍ଡନଉଡ୍ ଇକୋ ଫାଉଣ୍ଡେସନର ଅଧ୍ୟକ୍ଷ ରାମକୃଷ୍ଣ ଦାଶ, ଆଜିକାଲି ଗ୍ରାମ ମାନଙ୍କରୁ ବ୍ୟାପକ ଭାବେ ସହରାଞ୍ଚଳକୁ ପଳାୟନ ହେଉଥିବା ପ୍ରଥାକୁ ତୀବ୍ର ନିନ୍ଦା କରିଥିଲେ। ଏହା ଦ୍ୱାରା ସାମାଜିକ ସ୍ତରରେ ବ୍ୟାପକ ସ୍ଖଳନ ଅସନ୍ତୁଳନ ସୃଷ୍ଟି ହେଉଥିବା ସେ ଦର୍ଶାଇଥିଲେ। ଏହାସାଙ୍ଗକୁ ବେଡ଼ି ଉପରେ କୋରଡ଼ା ମାଡ଼ ଭଳି ବୈଶିକ ତାପମାତ୍ରା ବୃଦ୍ଧି, ମାନବ ସମାଜ ପାଇଁ ଖୁବ୍ ଚ଼ିନ୍ତାର କାରଣ ହୋଇଛି ବୋଲି ଶ୍ରୀ ଦାଶ ସୂଚ଼ାଇଥିଲେ। ଏସବୁ ମାନବିକ ସମସ୍ୟାର ସଠିକ୍ ନିରାକରଣ ପାଇଁ ଗ୍ରାମାଞ୍ଚଳରେ ଉପଯୁକ୍ତ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନିଯୁକ୍ତିଗତ ସୁବିଧା ଉପଲବ୍ଧ କରାଯିବାକୁ ସେ ପରାମର୍ଶ ଦେଇଥିଲେ। ବିଶେଷ କରି କରୋନା କାଳରେ ଲୋକମାନେ ଘରେ ରହି କାମ କରିବା ବ୍ୟବସ୍ଥା ସମ୍ପର୍କରେ ଅଭ୍ୟସ୍ତ ହୋଇସାରିଥିବାରୁ, ଏହି କର୍ମସ୍ଥଳିକୁ ବଗିଚ଼ା ଏବଂ ବିଲ ପର୍ଯ୍ୟନ୍ତ ସ୍ଥାନାନ୍ତରିତ କରା ଯିବାକୁ ଶ୍ରୀ ଦାଶ ପ୍ରସ୍ତାବ ଆଗତ କରିଥିଲେ।ସଭାକୁ ସମ୍ବୋଧନ କରି ମୁଖ୍ୟ ଅତିଥି ନୟୀଭାଲି ଲିଗ୍ନାଇଟ କର୍ପୋରେସନର ପୂର୍ବତନ ଅଧ୍ୟକ୍ଷ ଶରତ ଚ଼ନ୍ଦ୍ର ଆଚ଼ାର୍ଯ୍ୟ ପରିବର୍ତ୍ତିତ ସମୟ ସହିତ ସଠିକ୍ ଭାବେ ତାଳ ମିଳାଇ ଚ଼ାଲିବାକୁ ଉପଦେଶ ଦେଇଥିଲେ। ଉପସ୍ଥିତ ପରିସ୍ଥିତି ସହିତ ନିଜର ଜୀବନଶୈଳୀକୁ ଖାପ ଖୁଆଇବା ଏବଂ ତାତ୍କାଳୀକ ପ୍ରକୃତି ସହିତ ମିତ୍ରତା କରିବା ଦିଗରେ ପ୍ରାଥମିକତା ଦିଆଯିବାକୁ ଶ୍ରୀ ଆଚ଼ାର୍ଯ୍ୟ ଜୋର ଦେଇଥିଲେ। ସମ୍ମାନିତ ଅତିଥି ପ୍ରସିଦ୍ଧ ଷ୍ଟାର୍ଟଅପ୍ ପ୍ରୋତ୍ସାହକ ପ୍ରଣବ ପାଣି, ୱାଲ୍‌ଡେନଉଡ ଏବଂ ଆର୍.କେଙ୍କର ଗ୍ରାମାଞ୍ଚଳ କୁ ସଶକ୍ତିକରଣ କରିବା ପ୍ରଚେଷ୍ଟାକୁ ଭୁରୀ ଭୂରୀ ପ୍ରଶଂସା କରିଥିଲେ। ଗାଁର ବିକାଶ ତ୍ୱରାନ୍ୱିତ କରାଯାଉଥିବା ସମୟରେ ପରିବେଶ ଓ ପରିମଳ ସୁରକ୍ଷା ଦିଗରେ ସତତଃ ଧ୍ୟାନ ଦିଆଯିବାକୁ ଶ୍ରୀ ପାଣି ନିବେଦନ କରିଥିଲେ। ମୁଖ୍ୟ ବକ୍ତା ଶାନ୍ତନୁ ପ୍ରଧାନ କପିଳାସର ମନୋଜ୍ଞ ପରିବେଶକୁ, ବେଙ୍ଗାଲୁରୁ ନିକଟସ୍ଥ କୁକ୍ ଇଲାକା ସହିତ ତୁଳନା କରି, ପ୍ରବାସୀ ଓଡ଼ିଆ ମାନଙ୍କୁ ଆକର୍ଷିତ କରିବା ଉଦ୍ଦେଶ୍ୟରେ ଓଡ଼ିଶାରେ ଅଧିକରୁ ଅଧିକ ପରିବେଶ ଗ୍ରାମ ନିର୍ମାଣ କରାଯିବାକୁ ଆହ୍ୱାନ ଜଣାଇଥିଲେ। ଅନ୍ୟତମ ଅତିଥିବକ୍ତା ଅହିମାଣିକ୍ୟ ଶତପଥୀ ନିଜର ପଚ଼ିଶ ବର୍ଷର କର୍ପୋରେଟ କାର୍ଯ୍ୟକାଳ ଉପରେ ଆଲୋକପାତ କରି ୱାଲ୍‌ଡେନଉଡର ଗ୍ରାମାଭିମୁଖୀ ଅଭିଯାନକୁ ସ୍ୱାଗତ ଜଣାଇ, ଏବେ ସେ ଗାଁ କୁ ଫେରି ଚ଼ାଷବାସରେ ମନୋନିବେଶ କରିବାକୁ ନିଷ୍ପତ୍ତି ନେଇଥିବା ଘୋଷଣା କରିଥିଲେ। ୱାଲ୍‌ଡେନଉଡ ଇକୋ ଭିଲେଜର ଯୁବ ଏବଂ ଉଦୀୟମାନ ନିର୍ଦ୍ଦେଶିକା ନନ୍ଦିନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ସୌମ୍ୟଶ୍ରୀ ଦାସ, ସୂର୍ଯ୍ୟ ପ୍ରକାଶ ମହାପାତ୍ର, ରୀନା ମହାପାତ୍ର, ଆଶୁତୋଷ ପାଣିଗ୍ରାହୀ, ଲିପ୍ସା ପାଣିଗ୍ରାହୀ, ଦୀପକ ଆଚ଼ାର୍ଯ୍ୟ, ଏସ ମାଣ୍ଡି, ଦେବାଶିଷ ସାହୁ, ସୁବ୍ରତ ମହାନ୍ତି, ଉଦୟ ଏନ୍ ତ୍ରିପାଠୀ, ସବିତା ରାଣୀ ଦାସ, ଆଶା ଶତପଥୀ ଓ ସସ୍ମିତା ପ୍ରଧାନ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V

FIND THE DIFFERENCE
•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities
TUITION CLASSES for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, I